Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 48
Tuesday, 21 April 2026
Balasore, Page : 8, ₹ 2/
ବାଲେଶ୍ୱର, ମଙ୍ଗଳବାର, ୨୧ ଅପ୍ରେଲ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ?
ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ସମୃଦ୍ଧ ଓଡ଼ିଶା ଗଢ଼ିବାରେ କୃଷକମାନେ ହିଁ ପ୍ରକୃତ ସାରଥୀ : ମୁଖ୍ୟମନ୍ତ୍ରୀ

ଲୁବନେଶ୍ୱର, ୨୦/୪ (ଆ.ପ୍ର) : ପବିତ୍ର ଅକ୍ଷୟ ତୃତୀୟା ଓ ରାଜ୍ୟସ୍ତରୀୟ କୃଷକ ଦିବସ ଅବସରରେ କଟକ ସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର କୃଷକମାନଙ୍କ ପାଇଁ ଅନେକ ବଡ଼ ଘୋଷଣା କରିଛନ୍ତି । ଏହି ଅବସରରେ ସେ ୪୧,୬୮, ୫୮୨ ଜଣ ଚାଷୀଙ୍କୁ ସିଏମ-କିଷାନ ଯୋଜନାରେ ୮୩୮ କୋଟି ୪୮ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଧାନ ଗବେଷଣା କେନ୍ଦ୍ର ନିକଟରେ ଥିବା ଚାଷ ଜମିରେ ମୁଖ୍ୟମନ୍ତ୍ରୀ ଭୂମି ପୂଜା କରିବା ପରେ ଅକ୍ଷି ମୁଠି ଅନୁକୂଳ କରିଥିଲେ । ଏହାପରେ କୃଷି ପ୍ରଦର୍ଶନୀ ବୁଲି ଦେଖିବା ପରେ 'ଆମ ଦିହନ ରଥ' ଏବଂ 'କୃଷି ରଥ'ର ଶୁଭାରମ୍ଭ କରିଥିଲେ । କୃଷକଙ୍କୁ ସହଜରେ ଉନ୍ନତ ବିହନ ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ ଆମ ଦିହନ ରଥ" ବା Seeds on Wheels ଶୁଭାରମ୍ଭ କରିଥିଲେ । ଏହି ଗ୍ରାମାଞ୍ଚଳ ବିହନ ବିକ୍ରୟ କେନ୍ଦ୍ର ଗୁଡିକ ପ୍ରଥମ ପର୍ଯ୍ୟାୟରେ ୧୦ଟି ଜିଲ୍ଲାର ୩୧ଟି ବ୍ଲକରେ ଚାଲୁ ହେବ । ୫ କେନ୍ଦ୍ରିଭ ଫାଣ୍ଟେକ୍ ଆକାରରେ ନୂତନ ଚିସମର ଧାନ ବିହନ ଗ୍ରାମ ପଂଚାୟତ ସ୍ତରରେ ଉପଲବ୍ଧ ହେବ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାର ଅର୍ଥନୀତି, ସଂସ୍କୃତି ଓ ସମୃଦ୍ଧିର ମୂଳ ଆଧାର ହେଉଛି କୃଷି । ଅକ୍ଷୟ ତୃତୀୟା ଦିନ ଚାଷୀମାନେ ଅକ୍ଷିମୁଠି ଅନୁକୂଳ କରି ନୂଆ

କୃଷି ବର୍ଷର ଶୁଭାରମ୍ଭ କରୁଥିବାରୁ ଏହା ଓଡ଼ିଶାର ଗୌରବମୟ ପରମ୍ପରା । ସମୃଦ୍ଧ ଓଡ଼ିଶା ଓଡ଼ିଶାରେ କୃଷକମାନେ ହିଁ ପ୍ରକୃତ ସାରଥୀ । ରାଜ୍ୟ ସରକାର ସଦା ସର୍ବଦା କୃଷକଙ୍କୁ ସହିତ ରହିବ ଏବଂ ଆଗାମୀ ଦିନରେ କୃଷିକୁ ଅଧିକ ଲାଭଜନକ, ଆଧୁନିକ ଓ ସଶକ୍ତ କରାଯିବ । ୨୦୨୬ ଝରିଫ ଋତୁ ପାଇଁ ରାଜ୍ୟର ୪୧ ଲକ୍ଷ ୬୮ ହଜାର ୫୮୨ ଜଣ କୃଷକଙ୍କୁ ସିଏମ-କିଷାନ ଯୋଜନାରେ ପ୍ରାୟ ୮୩୮ କୋଟି ୪୮ ଲକ୍ଷ ଟଙ୍କା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି । ସେ କହିଥିଲେ ଯେ, କୃଷକଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ହେଉଛି ସରକାରଙ୍କ ପ୍ରାଥମିକତା ଏବଂ ଏହି ଯୋଜନା ତାହାର ଏକ ଉତ୍କୃଷ୍ଟ ଉଦାହରଣ । କୃଷି ବିଦ୍ୟାନିଧି ଛାତ୍ରବୃତ୍ତି ଯୋଜନା ମାଧ୍ୟମରେ କୃଷକ ପରିବାରର ପିଲାମାନଙ୍କୁ ଦେଶିୟକ ଓ ବୃତ୍ତିଗତ ଶିକ୍ଷା ପାଇଁ ସହାୟତା ଦିଆଯାଉଛି । ୨୦୨୫-୨୬ ଶିକ୍ଷାବର୍ଷରେ ୬୮ ହଜାର ୯୧୦ ଜଣ ଛାତ୍ରଛାତ୍ରୀଙ୍କୁ ୨୯୧ କୋଟି ୬୦ ଲକ୍ଷ ଟଙ୍କାରୁ ଅଧିକ ସହାୟତା ମିଳିଛି । ରାଜ୍ୟ ସରକାର "ବଢ଼ନ୍ତୁ ଜୈବିକ ଚାଷ ମିଶନ" ମାଧ୍ୟମରେ ଜୈବିକ ଚାଷକୁ ପ୍ରୋତ୍ସାହନ ଦେଉଛନ୍ତି । ସେହିପରି ଓଡ଼ିଶାର ପାରମ୍ପରିକ ମାଣ୍ଡିଆକୁ ବିଶ୍ୱ ମଂଚରେ ପଂଚାଇବା ପାଇଁ ଶ୍ରୀ ଅନ୍ନ ଅଭିଯାନକୁ ଆଗୁରି ଜୋଡାଦାର କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ, ଆମ ରାଜ୍ୟର ଅର୍ଥନୀତି ଓ ପ୍ରଗତିର ମେରୁଦଣ୍ଡ ହେଉଛନ୍ତି ଆମର କୃଷକ ସମାଜ । ଆପଣମାନଙ୍କ ପରିଶ୍ରମରେ ଆମ ମାଟି ସୁଜଳା ସୁଫଳା ହୋଇଥାଏ । ଆପଣମାନଙ୍କ ସ୍ୱାର୍ଥ ରକ୍ଷା କରିବା ଏବଂ କୃଷି କାର୍ଯ୍ୟକୁ ଅଧିକ ସରଳ ଓ ସ୍ୱଚ୍ଛ କରିବା ପାଇଁ ରାଜ୍ୟ ସରକାର ସଦାସର୍ବଦା ଚେଷ୍ଟିତ । ଏହି ପରିପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀ ସାର କ୍ରୟ କ୍ଷେତ୍ରରେ ସଠିକତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ । ଆବଶ୍ୟକ ପରିମାଣର ସନ୍ତୁଳିତ ସାର ବ୍ୟବହାର କରନ୍ତୁ । ଆମ ମା' ମାଟିକୁ ସୁରକ୍ଷିତ ରଖନ୍ତୁ । ସଚେତନ ଚାଷୀ ଭାବେ ସରକାରଙ୍କ ଏହି ସ୍ୱଚ୍ଛ ଅଭିଯାନରେ ସାମିଲ ହୋଇ ଏକ ସମୃଦ୍ଧ ଓଡ଼ିଶା ଗଠନ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ କଟକର ସାଂସଦ କର୍ତ୍ତୃହରି ମହତାବ, କଟକଦକ୍ଷିଣପୂର୍ବର ସାଂସଦ ବିଭୁପ୍ରସାଦ ତରାଇ, ନିଆଳିର ବିଧାୟକ ଜଟି ମଲ୍ଲିକ, ଚୌଦ୍ୱାର-କଟକର ବିଧାୟକ ସୌରିକ ବିଶ୍ୱାଳ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, କଟକ ସଦର ବିଧାୟକ ଜଂ. ପ୍ରକାଶ ଚନ୍ଦ୍ର ସେଠୀ, ବାରବାଟୀ-କଟକ ବିଧାୟିକା ଜଂ. ସୋଫିଆ ଫିରଦୌସ, ମାଙ୍ଗାଁ ବିଧାୟକ ଶାନ୍ତା ପ୍ରଧାନ ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ । ଏହା ସହ କଟକ ଜିଲ୍ଲା ପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, କୃଷି ବିଜ୍ଞାନର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, କଟକ ଜିଲ୍ଲାପାଳ ବଡାରୁୟ ରାଜସାହେବ ଶିନ୍ଦେ, ଏବଂ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ (CRRI), କଟକର ନିର୍ଦ୍ଦେଶକ ଡଃ ଜିଏଚ କୁମାରଙ୍କ ପ୍ରମୁଖ ମଂଚାସୀନ ଥିଲେ ।

ରାଜ୍ୟରେ ବାଦ୍ ପଡ଼ିଲେ ୯ ଲକ୍ଷ ୮୦ ହଜାର ଭୋଟର୍

ଲୁବନେଶ୍ୱର, ୨୦/୪ (ଆ.ପ୍ର) : ଓଡ଼ିଶାରେ ଭୋଟର ତାଲିକାରୁ ୯ ଲକ୍ଷ ୮୦ ହଜାର ନାଁ କଟିବା ପରେ ଚିନ୍ତାରେ ଗୃହ ବିଭାଗ । ଏଥିରେ ଅନେକ ତ୍ରୁଟି ନେଇ ଅଭିଯୋଗ ପରେ ଘୋଳଡ଼ରେ ରହିଲା ୨ ଲକ୍ଷ ଫର୍ମ-୭ । ତେବେ ପୁନଃଯାଂ ଏକ ସ୍ୱାଭାବିକ ପ୍ରକ୍ରିୟା, ରାଜ୍ୟବାସୀଙ୍କୁ ଚିନ୍ତିତ ହେବାର କାରଣ ନାହିଁ ବୋଲି କହିଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ । ଅନ୍ୟ ପକ୍ଷରେ ଏହାକୁ ନେଇ ମୁହାଁମୁହିଁ ହୋଇଛନ୍ତି ଶାସକ ଓ ବିରୋଧୀ । ସମସ୍ତ ଭୋଟର୍ ପଞ୍ଜୀକରଣ ଅଧିକାରୀ-ଇଆରଓ ମାନଙ୍କୁ ଚିଠି ଲେଖିଛନ୍ତି ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ । ସେଥିରେ ଲେଖିଛନ୍ତି, ଲଜିକ୍ୟୁଲ ମାପିଂ ପ୍ରକ୍ରିୟାରେ ପ୍ରାୟ ୯ ଲକ୍ଷ ୮୦ ହଜାର ନାଁ କଟିଯାଇଛି । ଏଥିରେ ଅନେକ ତ୍ରୁଟି ନେଇ ଅଭିଯୋଗ ମିଳିଛି । ଜୀବିତ ଓ ସ୍ଥାନାନ୍ତର ଭୋଟରଙ୍କ ନାଁ କଟାଯାଇଥିବା ଏବଂ ବିଏଲଓ ତୃଣମୂଳ ସ୍ତରରେ ଯାଂ କରିନଥିବା ଅଭିଯୋଗ ଆସିଛି । ତେଣୁ ଏପ୍ରିଲ୍ ୨ ପରେ ଆସିଥିବା ପ୍ରାୟ ୨ ଲକ୍ଷ ଫର୍ମ-୭ ଆବେଦନକୁ ହୋଲ୍‌ଡ୍‌ରେ ରଖାଯାଇଛି । ଇଆରଓ ମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ଯେ, ମୃତ ଭୋଟରଙ୍କ ନାମ ପୂର୍ଣ୍ଣ ଯାଂ ପରେ ହିଁ କାଟିବେ । ଏନେଇ ପରିବାରବର୍ଗ କିମ୍ବା ନିକଟ ବନ୍ଧୁଙ୍କୁ ଫର୍ମ-୭ ଦାଖଲ କରିବେ । ନାଁ କଟିଥିବେ ଭୋଟରଙ୍କ ଶେଷ ଜ୍ଞାତ ଠିକଣାରେ ନୋଟିସ୍ ଦେବାକୁ ହେବ । କୌଣସି ବ୍ୟକ୍ତିଙ୍କ ତଥ୍ୟ ସନ୍ଦେହଜନକ ଭାବେ ମେଳ ଖାଉଥିଲେ, ନାଁ କାଟିବା ପୂର୍ବରୁ ସଠିକ୍ ଯାଂ କରାଯିବ ଏବଂ ତାକୁ ନୋଟିସ୍ ଜାରି କରିବାକୁ ପଡ଼ିବ ।ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି- ଏହି ପ୍ରକ୍ରିୟାରେ ୨ ରୁ ୩ ପ୍ରତିଶତ ଅର୍ଥାତ୍ ଆମ ରାଜ୍ୟରେ ୭ ରୁ ୯ ଲକ୍ଷ ଭୋଟରଙ୍କ ନାଁ କଟିବା ସ୍ୱାଭାବିକ । କିନ୍ତୁ ତା ଠୁ ଅଧିକ ନାଁ କଟିଥିବାରୁ ପୁଣିଥରେ ଏହି ଯାଂ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଆଇ.ଏସ୍. ଗୋପାଳନ, ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ,ଏପ୍ରିଲ ୨ ପରଠୁ ଆସିଥିବା ଫର୍ମ-୭ ଆବେଦନ ଗୁଡ଼ିକରୁ ଅନ୍ୟୁନ ୫୦ ପ୍ରତିଶତ ମାମଲାରେ ବ୍ୟକ୍ତିଗତ ଭାବେ ଗଲୁ ଯାଇ ଯାଂ କରିବା ଏବଂ ଲିଖିତ ସାର୍ଟିଫିକେଟ୍ ଦାଖଲ କରିବା ବାଧ୍ୟତାମୂଳକ ବୋଲି ବିଟିରେ ଉଲ୍ଲେଖ ରହିଛି । ଏଥିସହ '୧୯୫୦' କଲ୍ ସେଣ୍ଟର, ଇମେଲ୍ ଓ ଅନ୍ୟ ମାଧ୍ୟମରେ ଆସୁଥିବା ସମସ୍ତ ଅଭିଯୋଗକୁ ଗୁରୁତ୍ୱ ଦେଇ ଯାଂ କରାଯିବ । ତେବେ ଏତେ ସଂଖ୍ୟକ ନାଁ କଟିବା ଚିନ୍ତାଜନକ ବୋଲି କହିଛି ବିଜେଡି । ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ନିର୍ବାଚନୀ ମୀଳାପ ପାଇଁ ଏଭଳି ଜାରସାଦି ଗଣତନ୍ତ୍ର ପ୍ରତି ବିପଦ । ଅନ୍ୟପକ୍ଷରେ ରାଜ୍ୟ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ବିଜେଡିକୁ ସବୁ କଥାରେ ଷଡ଼ଯନ୍ତ୍ର ଦେଖାଯାଉଛି । ଯଦି କିଛି ନିର୍ଦ୍ଦିଷ୍ଟ ପ୍ରମାଣ ଅଛି ଦିଅନ୍ତୁ । ଏହାକୁ ନେଇ ଓଡ଼ିଶାରେ ଏବେ ରାଜନୀତି ଗୋର ଧରିଛି ।

ଖାସବା ଯାଦବଙ୍କୁ ମିଳିବ ପଦ୍ମ ବିଭୂଷଣ !

ମୁମ୍ବାଇ, ୨୦/୪(ନ୍ୟୁ.ଏ): ସ୍ୱାଧୀନ ଭାରତର ପ୍ରଥମ ବ୍ୟକ୍ତିଗତ ଅଲମ୍ପିକ ପଦକ ବିଜେତା କୁସ୍ତିଯୋଦ୍ଧା ଖାସାବା ଦାଦାସାହେବ ଯାଦବଙ୍କୁ ମରଣୋତ୍ତର ପଦ୍ମ ବିଭୂଷଣ ପ୍ରଦାନ କରିବା ସମ୍ପର୍କରେ ମେ ୪ ସୁଦ୍ଧା ନିଷ୍ପତ୍ତି ନେବାକୁ ବମ୍ବେ ହାଇକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏନେଇ ଯାଦବଙ୍କ ପୁଅ ଜଂଟିତ ଯାଦବ ଓ କୁସ୍ତିବୀର ଖାସାବା ଯାଦବ ମେମୋରିୟାଲ ପରିଷେବେନ ପକ୍ଷରୁ ଆଗତ ଏକ ଜନସ୍ୱାର୍ଥ ମାମଲାରେ ଶୁଣାଣି ଜରି ଜଷ୍ଟିସ୍ ମାଧବ ଜାମାଦାର ଓ ପ୍ରବୀଣ ପାଟିଲଙ୍କୁ ନେଇ ଗଠିତ ଖଣ୍ଡପୀଠ କୋଲ୍ଲାପୁର ବେଂଚ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ଏପ୍ରିଲ ୧୫ରେ ଏହି ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟ କହିଛନ୍ତି ଯେ ଏଥିରେ ସଂଦେହ ନାହିଁ ଯେ ମହାରାଷ୍ଟ୍ରର କୁସ୍ତିଯୋଦ୍ଧା ଯାଦବ ଭାରତର ପ୍ରଥମ ଅଲମ୍ପିକ ପଦକ ବିଜେତା । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମେ ୫ରେ ହେବ । ଖାସାବା ଯାଦବ ୧୯୫୨ରେ ଅନୁଷ୍ଠିତ ହେଲସିଙ୍କି ଅଲମ୍ପିକରେ କୁସ୍ତିରେ ଲଂଘା ପଦକ ଜିତିଥିଲେ । ୧୯୮୪ରେ ତାଙ୍କର ପରଲୋକ ହୋଇଥିବାବେଳେ ତାହାର ଏକ ଲମ୍ବା ସମୟ ପରେ ତାଙ୍କୁ ୨୦୦୧ରେ ମରଣୋତ୍ତରଭାବେ ଅର୍জୁନ ପୁରସ୍କାର ଦିଆଯାଇଥିଲା ।

ଦିଦିଙ୍କ ଗଢ଼ରେ କଳିଙ୍ଗ ଯୋଦ୍ଧା; ଓଡ଼ିଶା ନେତାଙ୍କ କାନ୍ଧରେ 'ବଙ୍ଗ' ଦଖଲ ମଙ୍ଗ

ଲୁବନେଶ୍ୱର, ୨୦/୪ (ଆ.ପ୍ର) : ବଙ୍ଗ ଦଖଲର ମଙ୍ଗ ଧରିଛନ୍ତି ଓଡ଼ିଶା ନେତା । ପଶ୍ଚିମବଙ୍ଗରେ ଓଡ଼ିଆ ବିଜେପି ନେତାଙ୍କ ମାରାଥନ୍ ପ୍ରଚାର । ଫୋକସରେ ଓଡ଼ିଆ ଲୋଟର । ପଶ୍ଚିମବଙ୍ଗ ନିର୍ବାଚନ ପାଇଁ ଚାରିଖି ପାଖୋଲ ଆସୁଥିବା ବେଳେ ରାଜ୍ୟ ବିଜେପିର ମନ୍ତ୍ରୀ, ସାଂସଦ,ବିଧାୟକଙ୍କଠାରୁ ଆରମ୍ଭକରି ଆଗଧାତିରେ ଛାମୁଆ ନେତାଙ୍କୁ ମୈଦାନକୁ ପଠାଇଛି ବିଜେପି । ଏପରିକି ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଷ୍ଟାର୍ କ୍ୟାମ୍ପେନର୍ ଭାବେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ମାଗିଛନ୍ତି ଭୋଟ୍ । ନିର୍ବାଚନ ହେଉଛି ପଡ଼ୋଶୀ ପଶ୍ଚିମବଙ୍ଗରେ । ହେବେ ବିଜେପି ପାଇଁ କମାଣ ସମ୍ଭାଳିଛନ୍ତି ଓଡ଼ିଶାର ନେତାମାନୀ । ରାଜପା ପାଇଁ ଭୋଟ୍ ଯୋଗାଡ଼ରେ ଲାଗିପଡ଼ିଛନ୍ତି ୮ ମନ୍ତ୍ରୀ, ୪୦ରୁ ଅଧିକ ବିଧାୟକଙ୍କ ସହିତ ସାଂସଦ ଓ ଛାମୁଆ ସଂଗଠନ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାଜିଛନ୍ତି ବିଜେପିର ଷ୍ଟାର୍ କ୍ୟାମ୍ପେନର । ବାରଗୁମ୍ବେରେ ବିଜେପି ପ୍ରାର୍ଥୀଙ୍କ ନାମାଙ୍କନ ଶୋଭାଯାତ୍ରାଠାରୁ ଆରମ୍ଭ କିଛିନୁ ସମୟରେ ପ୍ରଚାରରେ ସାମିଲ ହୋଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ୍ ଭିକ୍ଷା କରିଛନ୍ତି ସିଏମ ମୋହନ ମାଝୀ । ମମତା ସରକାରଙ୍କୁ କଡ଼ା ସମାଲୋଚନା କରିବା ସହିତ ପଶ୍ଚିମବଙ୍ଗରେ ଏଥର ବିଜେପି ଆସିବା ନେଇ ଦୃଢୋକ୍ତି ବି ପ୍ରକାଶ କରିଛନ୍ତି । ସେହିପରି ଦିଦିଙ୍କ ଗଢ଼ କୁହାଯାଉଥିବା ଭବାନୀପୁରର ଦାୟିତ୍ୱ ନେଇଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶାର ଜଳଶକ୍ତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂଜକ । ଉଭୟ ସାଉଥ୍ କୋଲକାତା ଏବଂ କର୍ଥ କୋଲକାତାରେ ଘମାଘଟ ପ୍ରଚାର କରି ଓଡ଼ିଆ ଭୋଟ୍ ହାତେଇବାପାଇଁ ରଣନୀତି ଚଳାଇଛନ୍ତି । ଖାଲି ଏମାନେ ନୁହଁନ୍ତି, ଦିଦିଙ୍କ ଗଢ଼ରେ ବିଜେପି ବିଜୟର ନଙ୍କା ଆଙ୍କୁଛନ୍ତି ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଏବଂ କେନ୍ଦ୍ରାପଡ଼ା ଜିଲ୍ଲାର ବିଧାୟକ ଏବଂ ମନ୍ତ୍ରୀ । ବିଧାୟକ ହିଂମାଶୁ ସାହୁ, ଅମର ନାୟକ, ସନ୍ତୋଷ ଖଟୁଆ, ମାନସ ଦତ, ଫକୀର ମୋହନ ନାୟକ, ସିଦ୍ଧାନ୍ତ ମହାପାତ୍ର ଓ ଆକାଶ ଦାସଜୀୟଙ୍କୁ ବି ଦେଖିବାକୁ ମିଳିଛି ବଙ୍ଗ ପ୍ରଚାର ମଇଦାନରେ ।ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ ରାଜ ଦ୍ୱିବେଦୁ ଅଧିକାରୀଙ୍କ ପାଇଁ ପ୍ରଚାର କରୁଥିବା ବେଳେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ପୂର୍ବ ଓ ପଶ୍ଚିମ ମେଦିନୀପୁର ଜିଲ୍ଲାରେ ଚଳାଇଛନ୍ତି କ୍ୟାମ୍ପେନ୍ । ସାଂସଦ ପ୍ରତାପଙ୍କ ସହ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନ ବି ସାମିଲ ହୋଇଥିଲେ । ପଶ୍ଚିମବଙ୍ଗରେ ଆସନ୍ତା ୨୩ରେ ପ୍ରଥମ ଓ ୨୯ରେ ହେବ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍, ତେବେ ଓଡ଼ିଶା ନେତାଙ୍କ ପ୍ରଚାର ବଙ୍ଗବାସୀଙ୍କ ଉପରେ କେତେ ପ୍ରଭାବ ପକାଇଛି ତାହା ମେ ୪ରେ ସ୍ପଷ୍ଟ ହେବ ।

ଅକ୍ଷୟ ତୃତୀୟାରେ ୪୧ ଲକ୍ଷ ୬୮ ହଜାର ଚାଷୀଙ୍କୁ ମିଳିଲା ସହାୟତା ରାଶି

ଲୁବନେଶ୍ୱର, ୨୦/୪ (ଆ.ପ୍ର) : ଚାଷୀଙ୍କ ପାଇଁ ଆଜି ହେଉଛି ବଡ଼ ଦିନ । ଚାଷୀଙ୍କୁ ସାଥି ଦେବାକୁ କ୍ଷେତକୁ ଓଲ୍ଲାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଅକ୍ଷୟମୁଠି ପରେ ପରେ ୪୧ ଲକ୍ଷରୁ ଅଧିକ ଚାଷୀଙ୍କୁ ଉପହାର ଦେଇ ଖୁସି କରିଛନ୍ତି । ହେବେ ନୂଆ ତାଲିକାରେ ୧୦ ଲକ୍ଷରୁ ଅଧିକ ଚାଷୀ ବାଦ ପଡ଼ିଛନ୍ତି । ଚାଷୀଙ୍କ ଆତ୍ମପର୍ବ ଅକ୍ଷୟ ତୃତୀୟାରେ ଅକ୍ଷୟମୁଠି ଅନୁକୂଳ କରୁଛନ୍ତି ସାରା ରାଜ୍ୟର ଚାଷୀ । ପରମ୍ପରା ଭିତରେ ଚାଷୀଙ୍କୁ ବଳ ଦେବାକୁ କ୍ଷେତ ମୁଣ୍ଡକୁ ଓଲ୍ଲାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । କଟକ ବିଦ୍ୟାଧରପୁର ଓଆରଆରଆଇ କ୍ୟାମ୍ପସରେ ହଳ ଲାଙ୍ଗଳ ଜୋଡି ଚାଷ କାମର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଅକ୍ଷୟମୁଠି ଅନୁକୂଳ ସହ ହଳ କରି ଜମିରେ ବିହନ ବୁଣିଛନ୍ତି । କୃଷି ବିଭାଗ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମଧ୍ୟ ସାମିଲ ହୋଇଥିଲେ । ପରେ ପରେ ସିଏମ କିଷାନ ଯୋଜନାରେ ବଞ୍ଚା ପୁଅଙ୍କୁ ଅକ୍ଷୟ ତୃତୀୟାର ଭେଟି ଦେଇଛନ୍ତି । ଚାଷୀଙ୍କ ଦ୍ୱାରେ ଆକାଶ[କୁ ଯାଇଛି ୨ହଜାର ଟଙ୍କା । ୪୧ ଲକ୍ଷ ୬୮ ହଜାର କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀଙ୍କ ପାଖକୁ ୮୩୮ କୋଟି ଟଙ୍କା ପଠାଇଛନ୍ତି ମୋହନ ମାଝୀ । ଅକ୍ଷୟ ତୃତୀୟା ଅବସରରେ ଆଜି ୪୧ ଲକ୍ଷ ୬୮ ହଜାର ଚାଷୀଙ୍କୁ ମିଳିଛି ସିଏମ କିଷାନ ସହାୟତା । ଚାଷୀଙ୍କ ଦ୍ୟାଳ ଖାତାକୁ ଡିବିଟି ଜରିଆରେ ୮୩୮ କୋଟି ୪୮ ଲକ୍ଷ ଟଙ୍କା ପଠାଇଛନ୍ତି ସରକାର । ହେବେ ଗତବର୍ଷ ନୂଆଖାଲ ସମୟରେ ଯେଉଁକି ଚାଷୀଙ୍କ ପାଖକୁ ଟଙ୍କା ପଠାଯାଉଥିଲା, ଏଥର କିନ୍ତୁ ଚାଷୀଙ୍କ ସଂଖ୍ୟା ବାଦ ଦିଆଯାଇଛି । ସେପ୍ଟେମ୍ବର ମାସରେ ୫୧ ଲକ୍ଷ ୫୪ ହଜାର ଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା । ସିଧା କହିବାକୁ ଗଲେ ସିଏମ୍ କିଷାନ ଟଙ୍କା ପାଇବାରୁ ବର୍ତମାନ ସୁଦ୍ଧା ୧୦ଲକ୍ଷରୁ ଭର୍ଦ୍ଧ୍ୱ ହିତାଧିକାରୀ ବାଦ୍ ପଡ଼ିଛନ୍ତି । ଏହାକୁ ନେଇ ଉପ ମୁଖ୍ୟମନ୍ତ୍ରୀ ପ୍ରତିକ୍ରିୟା ଦେଇ କହିଛନ୍ତି ସିଏମ କିଷାନର ହିତାଧିକାରୀ ହେବା ଅବଶ୍ୟଭାବୀ ମାନଦଣ୍ଡ ଯେଉଁମାନେ ପୂରଣ କରୁ ନାହାନ୍ତି । ସେମାନଙ୍କୁ ଆର୍ଥିକ ସହାୟତାର ବାଦ ଦିଆଯାଇଛି । କୃଷକ ପଞ୍ଜିକରଣ, ଏକକ ମୋବାଇଲ ନମ୍ବର, ବ୍ୟାଙ୍କ ଖାତା ସହ ଆଧାର ପଞ୍ଜିକରଣ ସହ ଲଜେଣ୍ଡାରି ଅପଡେଟ କରିନାହାନ୍ତି । ସେମାନଙ୍କୁ ଖାତାକୁ ଟଙ୍କା ଯାଇପାରିନାହିଁ । ସେପରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଚାଷୀଙ୍କୁ ଧୋକା ଦେଇଛନ୍ତି ସରକାର । ତେବେ ଯେଉଁମାନଙ୍କ ନାଁ ତାଲିକାରୁ କଟିଛି, ସେମାନଙ୍କୁ କେମିତି ମିଳିବ ସେଥିପାଇଁ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ଯେଉଁଚାଷ

ସମ୍ବାଦ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୧୧ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଂଟ ଉଦଘାଟିତ

ନବରଙ୍ଗପୁର, ୨୦/୪ (ଆ.ପ୍ର) : ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା କ୍ରୀଡା ସଂଘର ମିଳିତ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ୧୪ ଏବଂ ୧୬ ବର୍ଷରୁ କମ୍ ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଂଟ ନବରଙ୍ଗପୁର କଲେଜ ପଡ଼ିଆ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଛ ପଟ ଜଳହାଣ୍ଡି ପଡ଼ିଆ ପାରେ ଆରମ୍ଭ ହୋଇ ଯାଇଛି । ଏଇ ଅବସରରେ ପ୍ରାକ୍ତନ ସର୍ବଭାରତୀୟ ସନ୍ତୋଷ ଟ୍ରଫି ଖେଳାଳି ପ୍ରଶାନ୍ତ ବେହେରା ବିଶିଷ୍ଟ ଅତିଥି ଭାବରେ ଯୋଗ ଦେଇ କ୍ରୀଡା ର ଶୁଭାରମ୍ଭ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସଂଗାଳିତ ଅତିଥି ଭାବରେ କ୍ରୀଡା ସଂଘର ଉପ ସଭାପତି ଏମ ବାଲା କ୍ରୀଷ୍ଣା ରାଓ ଏବଂ ବରିଷ୍ଠ କ୍ରୀଡ଼ାବିତ ଶୁଭେନ୍ଦୁ ବେହେରା ଯୋଗ ଦେଇ ଖେଳାଳିଙ୍କୁ କ୍ରୀଡା ସାମଗ୍ରୀ ପ୍ରଦାନ କରିଥିଲେ । କ୍ରୀଡା ସଂଘର ସଂଗାଦକ ପ୍ରହଲ୍ଲାଦ ତ୍ରିପାଠୀ, ସହ ସଂଗାଦକ ମନୋଜ କୁମାର ପଟ୍ଟନାୟକ, ଜିଲ୍ଲା କ୍ରୀଡା ଅଧିକାରୀ ସତ୍ୟଜିତ ରାଉତ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଭାତ ପଟ୍ଟନାୟକ, ଜିଲ୍ଲେଟ୍ ସଂଗାଦକ ଅଶୋକ ନାୟକ ଏବଂ ସଂଘର ବରିଷ୍ଠ ସଦସ୍ୟ ଶଶାଙ୍କ ଶେଖର ବେହେରା ପ୍ରମୁଖ କ୍ରୀଡ଼ାବିତ୍ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସୂଚନା ଯୋଗାଯୋଗ ଯେ ରାଜିବଲୁ, ଖୋଜି, କବାଡି ଏବଂ ଫୁଟବଲ ବିଭାଗରେ ଜିଲ୍ଲାର ଉତ୍ତମ ବରିଷ୍ଠ ଏବଂ କନିଷ୍ଠ ବର୍ଗର ୧୦ ଗୋଟି ବାଳକ ଏବଂ ୬ ଗୋଟି ବାଳିକା ଦଳ ଭାଗ ନେଇଛନ୍ତି । କ୍ରୀଡା ଶିକ୍ଷକ ବାଳି ଜିଙ୍କର ପଟ୍ଟନାୟକ , ସପନ ଦୋରାଗା, ଜିତେଶ ସିଲ, ବିଭାଷିଣୀ ଦେ ସମେତ ଜିଲ୍ଲାର ମାଙ୍ଗନ ବିଭାଗ ଏବଂ ଶିକ୍ଷା ବିଭାଗର କ୍ରୀଡା ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ଉକ୍ତ ଖେଳ କୁ ପରିଚାଳନା କରିଛନ୍ତି । କ୍ରୀଡ଼ା ସଂଘର ସଦସ୍ୟ ଦୁର୍ଯ୍ୟ ହଜିନନ, ଜି . ଚନ୍ଦ୍ର ଶେଖର ରାଜା, ହରିଶ୍ଚନ୍ଦ୍ର ସାମ୍ବା , ଅଜିତ ଦାସ ପ୍ରମୁଖ ସହଯୋଗ କରୁଛନ୍ତି । ସୂଚନା ଅନୁଯାୟୀ ଆସନ୍ତା ୨୩ ତାରିଖ ରେ ଏ ସମସ୍ତ ଖେଳ ଉଦଯାପକ ହେବା ଅବସରରେ କୃଷି ବଜାର ପୁରସ୍କାର ବିତରଣ କରାଯିବ ।

ଆଦି ଶଙ୍କରାଚାର୍ଯ୍ୟ ଜୟନ୍ତୀ ଉପଲକ୍ଷେ ଉପଜିଲ୍ଲାପାଳଙ୍କ ଦ୍ୱାରା ପ୍ରସ୍ତୁତି

ପୁରୀ, ୨୦/୪ (ଆ.ପ୍ର) : ଉପଜିଲ୍ଲାପାଳ ରାଜକିଶୋର ଜେନାଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଆଦି ଶଙ୍କରାଚାର୍ଯ୍ୟ ଜୟନ୍ତୀ ଉପଲକ୍ଷେ ପ୍ରସ୍ତୁତି ବୈଠକ ହୋଇଯାଇଛନ୍ତି । ଏଥିରେ ସମିତିର ସଦସ୍ୟ ଏବଂ ଆଦିତ୍ୟ ବାହିନୀର ପ୍ରାକ୍ତନ ରାଜ୍ୟ ସଭାପତି ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ଖୁଂଟିଆ ପ୍ରସ୍ତୁତି ବୈଠକର ବିବରଣୀ ଆଲୋଚନା କରିଥିଲେ । ଭଗବତ୍‌ପାଦ ଆଦିଶଙ୍କରାଚାର୍ଯ୍ୟଙ୍କ ୨୫୩୩ତମ ଜୟନ୍ତୀ ଉପଲକ୍ଷେ ବୈଶାଖ ଶୁକ୍ଳ ସପ୍ତମୀ ତିଥି ତଥା ମଙ୍ଗଳବାର ଦିନ ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ ଉତ୍ସବ ପାଳିତ ହେବ । ଅପରାହ୍ନ ୩ଘଣ୍ଟିକା ସମୟରେ ଗାଙ୍କର ଚଳନ୍ତି ପ୍ରତିମାଙ୍କୁ ନଗର ପରିକ୍ରମା ପୂର୍ବକ ଶୋଭାଯାତ୍ରାରେ ଶ୍ରୁତି, ଭକ୍ତି, ସୁମନ ଅର୍ପଣ କରିବା ସହିତ ଉକ୍ତ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ କରାଯିବ । ଏହି ଶୋଭାଯାତ୍ରା ଗୋବର୍ଦ୍ଧନ ମଠରୁ ବାହାରି ବାଲିସାହି, ସିଂହଦ୍ୱାର, ବୋକମଣ୍ଡପ ସାହି , ମୋତିସାହି ଛକ, ରାମଚଣ୍ଡି ସାହି, ମରଚିକୋଟ ଗଳି, ଚଡଚାଣ୍ଡ, ରାଜା ନଅର, ବୋଳବେଦୀ, ଲକ୍ଷ୍ମୀମାର୍କେଟ, ମଣିକର୍ଣ୍ଣିକା ସାହି, ହରଚଣ୍ଡି ସାହି, ଗୌତବାଡ ସାହି, କାମାଖ୍ୟ ମନ୍ଦିର, ମଠ ପାଟେବୀଳବଦେଉ ଶୋଭାଯାତ୍ରା ଗୋବର୍ଦ୍ଧନ ମଠରୁ ପତ୍ୟାବର୍ତ୍ତନ କରିବ । ଉକ୍ତ ଶୋଭାଯାତ୍ରାରେ

ଏକ ହଳାଲୁ ଅଧିକ ଭକ୍ତ ଓ ସାଂସ୍କୃତିକ ଦଳ ସାମିଲ୍ ହେବେ । ନଗର ବାଟରେ ସମୟରେ ହାରାହାରି ୧୨୦ଟି ସ୍ଥାନରେ ଚଢଉଦୋଳରେ ଚିଲେ ଆଦିଶଙ୍କରଙ୍କ ଚଳନ୍ତିପ୍ରତିମା ସ୍ଥାନେ ସ୍ଥାନେ ରହି ଭକ୍ତଙ୍କ ଘରେ ପନ୍ତି ଭୋଗ ଲାଗିବ । ଉକ୍ତ ଉତ୍ସବ ଶୃଙ୍ଖଳିତ ଭାବେ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ବଳ ଓ ଟ୍ରାଫିକ ନିୟନ୍ତ୍ରିତ ପାଇଁ ଉପଯୁକ୍ତ ସୂଚନା ପରିଚାଳନା କରିବା ପାଇଁ ଆରକ୍ଷୀ ବିଭାଗକୁ ଅନୁରୋଧ କରାଯାଇଛି । ପୁରୀ ମହାନଗର ନିଗମକୁ ଆବର୍ଜନାମୁକ୍ତ ସ୍ୱଚ୍ଛ ପରିକ୍ରମା ମାର୍ଗ, ରାସ୍ତା ଅବରୋଧ ହଟାଇବା, ମଣିକର୍ଣ୍ଣିକା ସାହିଠାରୁ ସାଦାସନ ରୋଡ ପର୍ଯ୍ୟନ୍ତ ଆଲୋକି କରଣ ବ୍ୟବସ୍ଥାକୁ ସହଯୋଗ କରିବା ପାଇଁ ଅନୁରୋଧ କରାଗଲା । ଶୋଭାଯାତ୍ରା ସମୟରେ ଯଦି କୌଣସି ସାହିବାସିନ୍ଦାଙ୍କ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୁଏ, କିମ୍ବା ଅଗରଣ ଘଟେ ତାହାର ତୁରନ୍ତ ସମାଧାନ ପାଇଁ ଟି.ପି.ସି.ଡି.ଏଲ. ଟିମ୍‌ର ସହଯୋଗ କରିବାପାଇଁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଗଲା । ସମ୍ବଳକଣ୍ଟ ଆଦି ପ୍ରବର୍ଜନ ସମୟରେ ଜିମ୍ବ ଆକସ୍ମିକ ଦୁର୍ଘଟଣାର ସମ୍ଭାଳନ ହୁଏ ସମ୍ବାଦକ ପାଇଁ ଆମ୍ବୁଲାନ୍ସ ଓ ଆଖୁ ଚିକିତ୍ସା ସୁବିଧା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅନୁରୋଧ କରାଗଲା । ପିଇବା ପାଣି ନିମନ୍ତେ ଟ୍ୟାଙ୍କର ବ୍ୟବସ୍ଥା କରିବା ପାଇଁ ଶ୍ରୀଗୁଣ୍ଡେଚା କର୍ତ୍ତୃପକ୍ଷଙ୍କୁ ଜଣାଇଲେ । ଶ୍ରୀମନ୍ଦିର ପରିକ୍ରମା ବାହାର ରାସ୍ତାରେ ଶୋଭାଯାତ୍ରା ଯିବାପାଇଁ ସନ୍ଦମତି ପାଇଁ ଶ୍ରୀମନ୍ଦିର ପ୍ରଶାସନ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଗଲା । ପାରମ୍ପରିକ ସାଂସ୍କୃତିକ ଲୋକନୃତ୍ୟ ପରିବେଷଣ ଆଦିରେ ସହଯୋଗ କରିବାକୁ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ଅନୁରୋଧ କରାଗଲା ।ପ୍ରଚାର ପ୍ରସାର ଓ ସମନ୍ୱୟ ରକ୍ଷା ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ଅନୁରୋଧ କରା ଯାଇଅଛି ।ବୋଡି ଗୋବର୍ଦ୍ଧନ ପୀଠ, ପୁରୀର ସୂଚନା ଓ ଲୋକସମ୍ପର୍କ ସହିତ ବେଦାନ୍ତିଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି । ଉକ୍ତ ବୈଠକରେ ଜିଲ୍ଲା ପର୍ଯ୍ୟଟନ ଅଧିକାରିଣୀ ଦେବଶ୍ମିତା ମହାନ୍ତି, ପୁରୀ ବିଭାଗ ସହକାରୀ ଯାତ୍ରୀ ବିଶ୍ୱଜିତ୍ ମହାନ୍ତି, ଅତ୍ରିଶମ ଅଧିକାରୀ ଜିଜ୍ଞାସୁ ବେହେରା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି, ରାଜ୍ୟ ଶଙ୍କର ଜୟନ୍ତୀ ସମାରୋହ କମିଟି, ଗୋବର୍ଦ୍ଧନ ମଠ ପୁରୀର ସଭାପତି ଗଣେଶ୍ୱର ମହାପୁଆର , ଆଦିତ୍ୟ ବାହିନୀ ର ସଭାପତି ପଣ୍ଡିତ ମାଧୁ ପ୍ରସାଦ ମିଶ୍ର, ମହେଶ ଚତୁର୍ଦ୍ଦାରୀ , ସୁଧାଂଶୁ ମହାନ୍ତି, ସମ୍ପାଦକ ଡକ୍ଟର ପ୍ରକାଶ କୁମାର ଶତପଥୀ, କମିଟିର ସଂଯୋଜକ ବିଶ୍ୱଶାନ୍ତି ତ୍ରିପାଠୀଙ୍କ ସମେତ ଜିଲ୍ଲାର ସମସ୍ତ ଅଧିକାରୀ ବୈଠକରେ ଯୋଗ ଦେଇଥିଲେ ।

ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୨୩ଜଣ କୃତୀ ପରୀକ୍ଷାର୍ଥୀ ସମ୍ବର୍ଦ୍ଧିତ

ଖୋର୍ଦ୍ଧା, ୨୦/୪ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ପିଠୁକୁଳି ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୧୦ମ ଶ୍ରେଣୀ ସି.ବି.ଏସ.ସି.ପରୀକ୍ଷା ୨୦୨୬ରେ ଶତକଡା ୯୦ରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ୨୩ଜଣ ଛାତ୍ରଛାତ୍ରୀଙ୍କୁ ବୋଲଗଡ଼ ଖୋର୍ଦ୍ଧା ଶିକ୍ଷା କାର୍ଯ୍ୟାଳୟ ତରଫରୁ ସୋମବାର ଦିନ ଉକ୍ତ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ ଅଧ୍ୟକ୍ଷ ଦାସସ ଦ୍ୱିବେଦୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବୋଲଗଡ଼ ଖୋର୍ଦ୍ଧା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ ମୁଖ୍ୟ ଅତିଥି, ପ୍ରାକ୍ତନ ସଭ ଖୋର୍ଦ୍ଧା ଶିକ୍ଷା ଅଧିକାରୀ ତଥା ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ପଦ୍ମଚରଣ ବେହେରା, ନୟାଗଡ଼ ଜିଲ୍ଲା ଉଣିଆ ସ୍ଥିତ ଅଧିକାର ଶିକ୍ଷ ଡାମିନ କେନ୍ଦ୍ର ଅଧ୍ୟକ୍ଷ ଜଂଜିନିୟର ଜର୍ପୁର ସାହୁ, ସାଗରଗୁଣ୍ଡାନ୍ସ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉଦାହୁ କୁମାର ବେହେରା, ସ୍ଥାନୀୟ ସାଧନ କେନ୍ଦ୍ର ସଂଯୋଜକ ଲୋକନାଥ ସାହୁ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ । ବିଦ୍ୟାଳୟର ବରିଷ୍ଠ ଅଧ୍ୟାପିକା ଅତ୍ରିତା ପାଢ଼ୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଜାତାଳ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସୁସ୍ମିକାନ୍ତ ନାୟକ ସଭା ସଂଚାଳନା କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ସ୍ୱାଇଁ ପିତାମାତାଙ୍କ ଶ୍ରବଣ କୁମାରଙ୍କ ପରି ପିତୃମାତୃ ଭକ୍ତ ହେବା, ଜଟିନ ଅଧ୍ୟବସାୟ କରିବା ଏବଂ ମୋବାଇଲ୍ ଫୋନ୍‌ର ସଦୁପଯୋଗ କରିବା ତଥା ଚରିତ୍ର ନିଷ୍ଠାଳଙ୍କ ରକ୍ଷାଦାପାଇଁ ଉପଦେଶ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଶ୍ରୀ ବେହେରା ଏବଂ ଜଂଜିନିୟର ଶ୍ରୀ ସାହୁ ଶବ୍ଦର ବିଶ୍ୱାସୀ ହୋଇ କର୍ତବ୍ୟ ସମ୍ପାଦନ କରିବା ତଥା ଦେଶ ଓ ଜାତିର ନାମ ରଖିବା ପାଇଁ ଉପଦେଶ ପ୍ରଦାନ କରିଥିଲେ । ପିଠୁକୁଳିର ପ୍ରାକ୍ତନ ସାଧନ କେନ୍ଦ୍ର ସଂଯୋଜକ ଗଙ୍ଗାଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । କୃତୀ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ପିତାମାତାଙ୍କ ଉପସ୍ଥିତି ରେ ମୁଦ୍ରିତ ପରିଧାନ ଜରାଜ ଉତରାୟ, ପ୍ରଶସ୍ତପତ୍ର, ଖାତା କଲମ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବୋଲଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଉଦାହୁ କୁମାର ବେହେରା ଏବଂ ଆଦର୍ଶ ବିଦ୍ୟାଳୟର ଅଧ୍ୟାପକ ଗୁରୁପ୍ରସାଦ ନାଥ ଶର୍ମା, ଶୁଭଶ୍ରୀ ଜେନା, ଚନ୍ଦ୍ର କାନ୍ତ ଜଗଦେବ, ଅମିତ ନାୟକ ଓ ନାଗାୟଣ ପାଣ୍ଡା ସମେତ ଶିରଶ୍ରୀ ସାହୁ ଓ ସିଦ୍ଧେଶ୍ୱର ମାଝି ସହଯୋଗ କରିଥିଲେ ।

ଗୌରୀ ନର୍ସିଙ୍ଗ ତରଫରୁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ

ବଣାଣି, ୨୦/୪ (ଆ.ପ୍ର) : ବଣାଇ ବ୍ଲକ ଅନ୍ତର୍ଗତ କେନ୍ଦ୍ରିକଳା ପଂଚାୟତ ମଧ୍ୟପୁର ଗ୍ରାମରେ ଥିବା ଗୌରୀ ନର୍ସିଙ୍ଗ ପ୍ରଶିକ୍ଷଣ କଲେଜର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ରାଜୁ ପୁସେଠ ଓ ସହ ପରିଚାଳନା ନିର୍ଦ୍ଦେଶିକା କବିତା ପୁସେଠଙ୍କ ଅଧ୍ୟକ୍ଷତାରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସମ୍ମାନିତ ଅତିଥି ଭାବେ ବ୍ଲକ ମୋଘାମୁହା ଜେନା, ଜିଲ୍ଲା ଯୁବ ମୋର୍ଚା ସଭାପତି ଅନିବାଶ ଚନ୍ଦ୍ର, ବଣାଇ ସରପଂଚ ନମିତା ନାଗ, ବିଧାୟକ ପ୍ରତିନିଧି ଅନିରୁଦ୍ଧ ତ୍ରିପାଠୀ ଉପସ୍ଥିତ ହୋଇ ଫିତା କାଟି ଦ୍ୱାପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ । ଗୌରୀ ନର୍ସିଙ୍ଗ ଓ କେଟିଏଚ ରାଉରକେଲାଙ୍କ ମିଳିତ ସହଯୋଗରେ କେଟିଏଚ ଚିକିତ୍ସାଳୟର ଦୃଶ୍ୟ ଲୋଯାମୁହା ଜେନା ଉପସ୍ଥିତ ହୋଇ ରୋଗୀ ମାନଙ୍କର ଇମୋଗ୍ଲୋବିନ, ବ୍ଲଡ ସୁଗାର, ବ୍ଲଡ ପ୍ରେସର ଓ ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏହି ସ୍ୱାସ୍ଥ୍ୟ ଶିବିରକୁ ବିଭିନ୍ନ ଅଂଚଳରୁ ରୋଗୀ ମାନେ ଆସି ସ୍ୱାସ୍ଥ୍ୟ ପରୀକ୍ଷା କରେଇ ନେଇଥିଲେ । ଗୌରୀ ନର୍ସିଙ୍ଗ କଲେଜର ସହକାରୀ ନିର୍ଦ୍ଦେଶକ ସୁମନ ସୌରଭ ସାହୁ, ଅଧ୍ୟକ୍ଷା ରିମା ବେହେରା ସମେତ ଅଧ୍ୟାପକ ଅଧ୍ୟାପିକା, ଲେଖ ଅଭିନେଟର ବ୍ଲଡ ବାଗିଜ ସମେତ ଶତାଧିକ ନର୍ସିଙ୍ଗ ଛାତ୍ରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ନର୍ସିଙ୍ଗ କଲେଜର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ରାଜୁ ପୁସେଠଙ୍କ ମହତ କାର୍ଯ୍ୟ ପାଇଁ ଅଂଚଳବାସି ଖୁସି ବ୍ୟକ୍ତ କରି ଧନ୍ୟବାଦ ଅର୍ପଣ କରିଛନ୍ତି ।

ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା ତଥା କୃଷକ ଦିବସ ଅନୁଷ୍ଠିତ

ରାୟଗଡ଼, ୨୦/୪ (ଆ.ପ୍ର) : ରାୟଗଡ଼ା ଜିଲ୍ଲାର କଳ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ନାରାୟଣପୁର କୃଷି ଫାର୍ମ ପରିସରରେ ଜିଲ୍ଲା ସ୍ତରୀୟ ଅକ୍ଷୟ ତୃତୀୟା ତଥା କୃଷକ ଦିବସ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏସ. କେ ଏହେସାନ କର୍ତ୍ତା ଭାବରେ ଉପସ୍ଥିତ ରହି ସମସ୍ତ ରୀତିନୀତି ଅନୁସାରେ ପୂଜା ଅର୍ଚ୍ଚନା ଓ ବିଧିପୂର୍ବକ ପାଳିତ ହୋଇଥିଲା । ଏହାପରେ ମାନାନ୍ଦର ବିଧାୟକ ବିଷ୍ଣୁ କଟକ ନିର୍ବାଚନ ଶ୍ରୀଯୁକ୍ତ ନୀଳ ମାଧବ ହିକାକା, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଶ୍ରୀ ବିଦ୍ୟାଧର ଶବର ଓ ଉପାଧ୍ୟକ୍ଷା ଶ୍ରୀମତୀ ମଞ୍ଜୁଳା ମିଶିଆକା, ନିର୍ବାଚନ ଯନ୍ତ୍ରୀ ସନ୍ତୋଷ କୁମାର ମିଶ୍ର, କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରର ଅଧ୍ୟକ୍ଷ ବନମାଳି କାଉଣ୍ଡାଳ, କୃଷକ ମୋର୍ଚା ସଭାପତି ଗଙ୍ଗାରାଣ୍ଡ ପ୍ରାଷ୍ଟାଙ୍କ ଉପସ୍ଥିତିରେ ଆଞ୍ଚଳିପୁରି ଅନୁକୂଳ ପୂର୍ବକ କମିରେ ହନ ଓ ବିହନ ବୁଣି ଏହି ଶୁଭ କାର୍ଯ୍ୟ ପରି ପାଳିତ ହୋଇଥିଲା । ଏହାପରେ ସଭାମୁଖରେ ତିନିଶହରୁ ଊର୍ଦ୍ଧ୍ୱ ଚାଷୀଙ୍କ ଉପସ୍ଥିତିରେ ଆଭାଶୀ ମାଧ୍ୟମରେ ଜଟକରୁ ଜାତୀୟ ଧାନ ବଚେଷଣା ଅନୁଷ୍ଠାନ ରୁ ସିଧା ସଳଖ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଓ ବିଏମ କିସାନ ସହାୟତା ରାଶି ସଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହାପରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏସ. କେ ଏହେସାନଙ୍କ ସଭାପତିତ୍ୱରେ ଓ ସହକାରୀ ବୈଷୟିକ ପରିଚାଳକ ଉତମ କୁମାର ଦାସଙ୍କ ସଂଯୋଜନାରେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ।

ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଅତିଥି ମାନ୍ୟବର ବିଧାୟକ ବିଷ୍ଣୁ କଟକ,ସମ୍ମାନିତ ଅତିଥି ଭାବରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ, ଶ୍ରୀ ଶବର ଉପାଧ୍ୟକ୍ଷ, ଶ୍ରୀମତୀ ମିନିଆକ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଶ୍ରୀ ନବୀନ ଚନ୍ଦ୍ର ନାଏକ ଓ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିମାଇ ରଞ୍ଜନ ଜେଁରି ପ୍ରମୁଖ ଉପସ୍ଥିତ ରହି ଅକ୍ଷୟ ତୃତୀୟା ଦିବସର ଉଦ୍ଦେଶ୍ୟ ବିଷୟରେ ଆଲୋଚନାପାତ କରିଥିଲେ । ଏହାପରେ ଅତିଥିଙ୍କ ଦ୍ୱାରା କୃଷି ରଥ ର ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାର କୃଷି ଜିଲ୍ଲା ଅଧିକାରୀ, ଗୋଷ୍ଠୀ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ, କୃଷି ଅଧ୍ୟବେକ୍ଷକ, ଗ୍ରାମ୍ୟ କୃଷି କର୍ମଚାରୀ, ଆତ୍ମାର ଏଟିଏମ, ବଡ଼ବାବୁ ସନ୍ତୋଷ କୁମାର ସେନାପତି ବିଟିଏମ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ସହଯୋଗ କରିଥିଲେ ।

ନୂଆପଡ଼ାରେ ଜିଲ୍ଲାସ୍ତରୀୟ ପବିତ୍ର ଅକ୍ଷୟ ତୃତୀୟା ଓ କୃଷକ ଦିବସ ପାଳିତ

ନୂଆପଡ଼ା, ୨୦/୪ (ଆ.ପ୍ର) : ନୂଆପଡ଼ା ଜିଲ୍ଲାର ବୋଡ଼େଜ ବ୍ଲକ ଅନ୍ତର୍ଗତ କର୍ଲାପଡ଼ାରେ ଜିଲ୍ଲା ସ୍ତରୀୟ ପବିତ୍ର ଅକ୍ଷୟ ତୃତୀୟା ପର୍ବ ତଥା କୃଷକ ଦିବସ ଉତ୍ସବ ଜିଲ୍ଲା ପ୍ରଶାସନ ଓ କୃଷି ବିଭାଗର ମିଳିତ ଆନୁକୂଲ୍ୟରେ ପାରମ୍ପରିକ ଗୀତିନୀତିରେ ପାଳିତ ହୋଇଛି । ଏହି ଅବସରରେ ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭୂମି ପୂଜନ କରିଥିଲେ । ପାରମ୍ପରିକ ରୀତିନୀତି ଅନୁଯାୟୀ ମାଟି ମାଁ ଓ ହଳ-ଲଙ୍ଗଳର ପୂଜା ଅର୍ଚ୍ଚନା କରାଯାଇଥିଲା । ପରେ ଜିଲ୍ଲାପାଳ ଅକ୍ଷିମୁଠି ଅନୁକୂଳ କରି ବିହନ ବୁଣି କୃଷି କାର୍ଯ୍ୟର ଶୁଭାରମ୍ଭ କରିଥିଲେ । ଜିଲ୍ଲାପାଳ କହିଥିଲେ ଯେ, ପବିତ୍ର ଅକ୍ଷୟ ତୃତୀୟା ଓଡ଼ିଆ ଚାଷର ପ୍ରତୀକ । ସରକାରଙ୍କ ବିଭିନ୍ନ କୃଷିମୂଳକ ଯୋଜନାଗୁଡ଼ିକୁ ପୂର୍ଣ୍ଣ ଭାବେ ଚାଷୀଭାଇମାନେ ସ୍ୱାବଳମ୍ବୀ ହେବା ସହିତ ଆର୍ଥିକ ଭାବେ ସଶକ୍ତ ହେବା ଆବଶ୍ୟକ । ଜିଲ୍ଲାରେ କୃଷି କ୍ଷେତ୍ରରେ ଦୃଶ୍ୟମାନ ଜମୁଡ଼ି ଘଟୁଛି ଏବଂ ଚାଷୀମାନେ କେବଳ ଧାନ ଚାଷରେ ସୀମିତ ନ ରହି ବିଭିନ୍ନ ପରିବା ଚାଷ ଦ୍ୱାରା ମଧ୍ୟ ଲାଭାନ୍ୱିତ ହେଉଛନ୍ତି । କୃଷିର ସମଗ୍ର ବିକାଶ ଦ୍ୱାରା ଏକ ବିକଶିତ ନୂଆପଡ଼ା ଗଠନ ସମ୍ଭବ ବୋଲି ସେ ଉଲ୍ଲେଖ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ କୃଷି ରଥ ଓ

ସେଇଠାରୁ ଆରମ୍ଭ

SEITHO ARAMBHA

ମଙ୍ଗଳବାର, ୨୧ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ଦ.ପୂ.ରେଳବାଇ-ଚେନ୍ଣେଇ

ହେଡ୍‌କ୍ୱାର୍ଟର ଟେଣ୍ଡର ନୋଟିସ୍ ନମ୍ବର ଡ଼-ହେଡ୍‌କ୍ୱାର୍ଟର/୨୦୨୬/୧୩, ତାରିଖ ୧୨.୦୪.୨୦୨୬ । ନିମ୍ନରେଖାଙ୍କିତ ହେଡ୍‌କ୍ୱାର୍ଟର ମେକାନିକ୍ୟାଲ (ଇଲେକ୍ଟ୍ରିକାଲ), ଏସ୍.ଆର.ଡବ୍ଲୁ.ଏମ୍, ଚେନ୍ନାଇ-୩ ଙ୍କଠାରୁ ଏକ ନିର୍ଦ୍ଦିଷ୍ଟ ତାରିଖ ପର୍ଯ୍ୟନ୍ତ ଏବଂ ଏକାଧିକ ଖଣ୍ଡରେଜିଷ୍ଟାର୍ଡ ପୋଷ୍ଟରେ ଡ଼-ଟେଣ୍ଡର ଆମନ୍ତ୍ରିତ କରାଯାଇଛି, ଯାହାକୁ ତାରିଖରେ ୧୩.୦୦ ଘଣ୍ଟା ପୂର୍ବରୁ ଏବଂ ୧୩.୩୦ ଘଣ୍ଟାରେ ଖୋଲାଯିବ : ଭୂମି ସଂଖ୍ୟା ଏବଂ ହେଡ୍‌ର ନାମର; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ ଯୋଗାଇବା ଟଙ୍କା: (୧) ଡ-ହେଡ୍‌ଟି-ଏଣ୍ଡି-୧୩- ୨୦୨୬; କାର୍ଯ୍ୟର ନାମବର: (କ) ସିଟିଆର ଟେଣ୍ଡର ଇଣ୍ଟିମେସନଟି ଯେଉଁ ଟିକେଟିଙ୍ଗ ଅଥିରେରେ ସେହି ମାଲାମାଟି ଏବଂ ସେହିର ସୁପ୍ରଭାଇଜର ଏବଂ ସିଟିଆର ଟେଣ୍ଡର ଇଣ୍ଟିମେସନଟି ଯେଉଁ ଟଙ୍କାରେ ଅଥିରେରେ ଟେଣ୍ଡର-ହେଡ୍‌କ୍ୱାର୍ଟେର୍ସ୍ ମାଲାରେ ଲେଖାଯାଇ ଥିବ; ନିର୍ମାଣ, (ଖ) ଅଭିଜ୍ଞତା ସିଟିଆରଖି ଇଣ୍ଟିମେସନ (ଏଣ୍ଡିଟି) ଏବଂ ଟେଣ୍ଡର ଡକୁମେଣ୍ଟର ଅଥିରେରେ ଦିଆଯିବ ଏବଂ ଟେଣ୍ଡରରେ ଦାଖଲ ସାଇଟିରେ ଦୃଶ୍ୟ ମୂଲ୍ୟ । (ବୃତ୍ତାକ ନମ୍ବର). ଡ. ୨,୯୪,୮୧,୫୪୪/- ; ଡ. ୩,୩,୯୨,୫୪୪.୫୬; ଡ. ୫,୦୭,୦୦୦/- । (୨) ଡ-ହେଡ୍‌ଟି-ପୂର୍ବ-୨୦-୨୦୨୬; ସାମୁଦ୍ର-ଓମରା ଟେଲିଫୋନ ଟେଲେକ୍ସ ବୃଦ୍ଧି ନମ୍ବର HA-୪, HA-୭ ରେ ୨ ନମ୍ବର ଟେଲେକ୍ସ ଲାଇନ ନିର୍ମାଣ ଏବଂ ସିଟିଆର ଟିକିଟମାନ ଇଣ୍ଟିମେସନ (ଚୁକ୍ତି) ଅଗ୍ରଗ୍ରହଣ ଅଫିସରଙ୍କଠାରେ ଅଥିରେରେ ଦିଆଯିବ ସାଧାରଣତଃ ଟେଲିକମ ଫୋଟା ନିର୍ମାଣ. ଡ. ୨,୫୩,୯୨,୫୪୪.୫୬; ଡ. ୫,୩,୯୨,୫୪୪.୫୬; ଡ. ୫,୦୭,୯୦୦/- । (୩) ଡ-ହେଡ୍‌ଟି-HQ-୧୨-୨୦୨୬; ଓଏସଡି ୨୩ ମାସ ଏବଂ ଡ.ଏମ. ୫ ନମ୍ବର ଟେଲିଫୋନ ଟେଲେକ୍ସ ଲାଇନ ନିର୍ମାଣ ଏବଂ ଓମ୍ରା ଟେଲିଫୋନ ଏକ୍ସଚେଞ୍ଜ ଦ୍ୱାରା (ପୋଷ୍ଟ ଗ୍ରାଣ୍ଟ) ଲିଜରେଟ ଟ୍ରେଡର DI ୩୦ ommn ଓପ୍ରେ ଆଉଟ ଲାଇନ ଯୋଗାଇ ପୁରଣ ଆକାଙ୍କ୍ଷୀମାନ କେବେ ବସ୍ତୁ ଦୃଢ଼ ଦର୍ଶାନ୍ତି. ଡ. ୩,୭୨,୨୫,୧୬୬.୫୬; ଡ. ୫,୪୪,୫୦୦/- । (୫) ଡ-ହେଡ୍‌ଟି-HQ-୧୩-୨୦୨୬; ସରକାରୀଙ୍କ ଅଫିସରଙ୍କ ସିଟିଆର ଟେଲେକ୍ସ ଇଣ୍ଟିମେସନ (W)-ଚଣ୍ଡିଗଡ଼-ପଟିଆଲାଙ୍କଠାରେ ଅଥିରେରେ ବଜାରରେ ବଜାଯାଇଛି । ସିଟିଆରର ଇଣ୍ଟାରଫେସେସ୍ ଛାଡ଼ପତ୍ରରେ: ଡ. ୧,୫,୫.୫୧,୫୦୦/- ; ଡ. ୩୩,୨୦୦/- । (୬) ଡ-ହେଡ୍‌ଟି-ପୂର୍ବ-୨୧-୨୦୨୬; ସିଟିଆର ସିଗନାଲ ଫ୍ରାଣ୍ଟ ପ୍ରୋଟେକ୍ସ ଆଉଟ ଲାଇନରେ ଥିବା ଟ୍ରାକ ସେକ୍ସନରେ ପୁରଣ ଆକାଙ୍କ୍ଷୀମାନ କେବେ ବସ୍ତୁ ଦୃଢ଼ ଦର୍ଶାନ୍ତି. ଡ. ୩,୭୨,୨୫,୧୬୬.୫୬; ଡ. ୫,୪୪,୫୦୦/- । (୭) ଡ-ହେଡ୍‌ଟି-HQ-୧୩-୨୦୨୬; ସରକାରୀଙ୍କ ଅଫିସରଙ୍କ ସିଟିଆର ଟେଲେକ୍ସ ଇଣ୍ଟିମେସନ (W)-ଚଣ୍ଡିଗଡ଼-ପଟିଆଲାଙ୍କଠାରେ ଅଥିରେରେ ବଜାରରେ ବଜାଯାଇଛି । ସିଟିଆରର ଇଣ୍ଟାରଫେସେସ୍ ଛାଡ଼ପତ୍ରରେ: ଡ. ୧,୫,୫.୫୧,୫୦୦/- ; ଡ. ୩୩,୨୦୦/- । (୮) ଡ-ହେଡ୍‌ଟି-ପୂର୍ବ-୨୧-୨୦୨୬; ସିଟିଆର ସିଗନାଲ ଫ୍ରାଣ୍ଟ ପ୍ରୋଟେକ୍ସ ଆଉଟ ଲାଇନରେ ଥିବା ଟ୍ରାକ ସେକ୍ସନରେ PSR-110 KMPH ପ୍ରଯୋଜନ ପାଇଁ ପ୍ରୋଟେକ୍ସ ବୃଦ୍ଧି, ଷ୍ଟେଜେସ ସିଙ୍ଗଲ୍ ଏବଂ ବାରାର ସେକ୍ସନ ବୃଦ୍ଧି ପାଇଁ ଜରୁରୀ ସମୟରେ. ଡ. ୮,୦୫,୩୦,୫୧୬.୫୬; ଡ. ୧୫,୦୦,୫୦୦/- - ଟେଣ୍ଡର ଡକୁମେଣ୍ଟର ମୂଲ୍ୟ: ପ୍ରତ୍ୟେକ ପାଇଁ ୦.୦୦ । ଜରୁରୀ କାମର ଅବଧି: ଡ. ୨ ଦିନ ଏବଂ ୬ ପାଇଁ ୧୨ ମାସ ଏବଂ ଡ.ଏମ. ୫ ନମ୍ବର ପାଇଁ ୦୬ ମାସ । ଖୋଲିବାର ତାରିଖ : ଡ.୯.୫ ପାଇଁ ୦୫.୦୫.୨୦୨୬, ଡ.୯ ପାଇଁ ୨୧.୦୫.୨୦୨୬ ଏବଂ ଡ.୫ ପାଇଁ ୧୪.୦୫.୨୦୨୬ । ବିଡ଼ିଂ ଫର୍ମର ପରିଚୟ ଡ.୯ ପାଇଁ ୨୩.୦୪.୨୦୨୬ ଏବଂ ଡ.୫ ପାଇଁ ୦୫.୦୫.୨୦୨୬ ରୁ ୫.୦୦ ଘଣ୍ଟା ପର୍ଯ୍ୟନ୍ତ, ଡ.୯ ପାଇଁ ୨୩.୦୫.୨୦୨୬ ରୁ ୫.୦୦ ଘଣ୍ଟା ପର୍ଯ୍ୟନ୍ତ ଏବଂ ଡ.୫ ପାଇଁ ୧୨.୦୫.୨୦୨୬ ରୁ ୫.୦୦ ଘଣ୍ଟା ପର୍ଯ୍ୟନ୍ତ ଏବଂ ଡ.୫ ପାଇଁ୩୦.୦୪.୨୦୨୬ ରୁ ୫.୦୦ ଘଣ୍ଟା ପର୍ଯ୍ୟନ୍ତ । ବେଶେଷ ତଥ୍ୟାବଳୀ ହେଡ୍‌କ୍ୱାର୍ଟର ଟେଣ୍ଡର ନୋଟିସ୍ ବୋର୍ଡରେ ଦିଆଯାଇଛି ଏବଂ www.ireps.gov.in ୱେବସାଇଟରୁ ପ୍ରତିଲିପିର ଡାଉନଲୋଡ କରି ଅନଲାଇନ ବିଡ଼ ଦାଖଲକରାଯାଇ ପାରିବ ।ଇଚ୍ଛୁକ ଟେଣ୍ଡରଦାତାମାନେ ଏହି ଟେଣ୍ଡର ପାଇଁ ମଧ୍ୟରେ ବେଶେଷ ସୂଚନା ଦେଖିବାକୁ ଲାଗି । ବିଜ୍ଞପ୍ତି: ଏହି ବେଶେଷରେ ଅନ୍ତର୍ଭୁକ୍ତ ହୋଇ ପାରେ ଯାହା ନିୟମାବଳୀରେ ନିଷିଦ୍ଧ ହୋଇପାରେ www.ireps.gov.in ପ୍ରତିଲିପିରେ ଦେଖିବାକୁ ଲାଗି ।

(PR-59)

ବାଲେଶ୍ୱରରେ ୧୨ତମ ପଟିଦିଅଁ ଅଙ୍କନ ଉତ୍ସବ ପାଇଁ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ

ବାଲେଶ୍ୱର, ୨୦/୦୪(ଆ.ପ୍ର) : ଓଡ଼ିଶାରେ ଅକ୍ଷୟ ତୃତୀୟା ଅବସରରେ ଅଶ୍ମ ମୂର୍ତ୍ତି, ଅନୁକୂଳ, ଶୁଭାରମ୍ଭ, ପ୍ରତିଷ୍ଠା ଇତ୍ୟାଦି କରାଯିବାର ପରମ୍ପରା ଥିଲା ବେଳେ ଶ୍ରୀ ଜଗନ୍ନାଥ ମନ୍ଦିରରେ ଚିତ୍ରକରମାନଙ୍କୁ ପଟିଦିଅଁ ଅଙ୍କନ ପାଇଁ ଆଜ୍ଞାମାଳ ଓ ବସ୍ତ୍ର ପ୍ରଦାନ ପୂର୍ବକ ସ୍ୱୀକୃତି ପ୍ରଦାନ କରାଯାଏ । 'ନୋଖି କଳନ୍ତରାଲ ଏକାଡେମୀ' ଓ 'ବାଲେଶ୍ୱରୀ କଳା କେନ୍ଦ୍ର' ଆୟୋଜିତ ହେବାକୁଥିବା ୧୨ତମ ପଟିଦିଅଁ ଅଙ୍କନ ଉତ୍ସବ ପାଇଁ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ଜିନ୍ କିନ୍ ୮ଟି ଜଗନ୍ନାଥ ମନ୍ଦିରରୁ ୯ ଜଣ ଚିତ୍ରକର ଆଜି ବିଧିବଦ୍ଧ ଭାବେ ସ୍ୱୀକୃତି ଗ୍ରହଣ କରିଛନ୍ତି । ଗଣେଶ୍ୱରପୁର ଡ଼ାହି ଅଚ୍ୟୁତ ଜଗନ୍ନାଥ ମନ୍ଦିର, ଛନ୍ଦପୁର ଜଗନ୍ନାଥ ମନ୍ଦିର, ରେମୁଣା ମଧ୍ୟପୁର ଜଗନ୍ନାଥ ମନ୍ଦିର, ନାନାଖିରି ଜଗନ୍ନାଥ ମନ୍ଦିର, ସାଣାଙ୍ଗ ଜଗନ୍ନାଥ ମନ୍ଦିର, ଜୟଦେବ କଳସବା ଜଗନ୍ନାଥ ମନ୍ଦିର, ବେତନଟୀ ଜଗନ୍ନାଥ ମନ୍ଦିର, ବୁଢ଼ାଗାଡ଼ି ଜଗନ୍ନାଥ ମନ୍ଦିରରୁ ବଡ ପାଣ୍ଡୁର ବଳଭଦ୍ର (ଅନନ୍ତ ବାସୁଦେବ) ପାଇଁ ଗଦାଧର ମହାନ୍ତି, ଭରାଳୀ ଶଙ୍କର ନାୟକ, ପ୍ରତୀପ ବାଡି, ସୁଭ୍ରାତ (ମା' ଭୁବନେଶ୍ୱରୀ) ପାଇଁ ଦେବାଶିଷ ପଟି, ଭବଶଙ୍କର ସାହୁ ଓ ସମୀର ବେହେରା, ଜଗନ୍ନାଥ (ଅନନ୍ତ ନାରାୟଣ) ପାଇଁ ଶିଳ୍ପୀ ଗେଣ୍ଡୁ ପାଣ୍ଡ, ଅରୁଣ ବାରିକ ଓ ଅଳିକ ଦାସ ପ୍ରମୁଖ ମନ୍ଦିର ତରଫରୁ ଆଜ୍ଞାମାଳ ଓ ବସ୍ତ୍ର ପ୍ରଦାନ ପୂର୍ବକ ସ୍ୱୀକୃତି ପ୍ରଦାନ କରିଥିଲେ । ସମସ୍ତ ମନ୍ଦିର ତରଫରୁ ମନୋରଞ୍ଜନ ସାହୁ, ରବୀନ୍ଦ୍ର ଚନ୍ଦ୍ର ଓ ସପରିବାର, ଶଶଧର ପଣ୍ଡା, ହର ନାରାୟଣ ମହାପାତ୍ର, ବିଶ୍ୱନାଥ ବିଶ୍ୱାଳ, ଗାଳକିଶୋର ରାୟ, କୁନ୍ନ ନନ୍ଦ, ବ୍ରହ୍ମା, ପୁଣ୍ଣଶ୍ଳୋକ ବ୍ରହ୍ମା, ପ୍ରଭାସ ଦାସ, ବିଶିଷ୍ଟ ପାରମ୍ପରିକ ଚିତ୍ରକର ଶ୍ରୀଧର ମଜାରଣା, ପୂର୍ବ ଚନ୍ଦ୍ର ପଣ୍ଡା, ବିଜୟ ଶତପଥି, ଜୀବନ ଶତପଥି କାର୍ଯ୍ୟକ୍ରମ ଉଦଯାପନ କରିଥିଲେ । ବାଲି ଆପାଲ କି ଆସଣ୍ଡା ଜୁନ୍ ୨୪ ରୁ ୨୯ (ପଟିଦ୍ର ସ୍ଥାନ ପୂର୍ଣ୍ଣିମା) ୬ ଦିନ ଧରି ବିଗତ ବର୍ଷ ପରି କୋଣି ଜଲ୍‌ଦା ପରିସରରେ ପାରମ୍ପରିକ ପଟିଦିଅଁ ଅଙ୍କନ, ପଟ୍ଟଚିତ୍ର କର୍ମଶାଳା, ପ୍ରଦର୍ଶନୀ, ଆଲୋଚନା ସହ ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟ, ଚକ୍ରେଶ୍ୱରୀ ରାତ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ।

ଯୁବ ବିକାଶ ଓ ବିଜେଏସପିର ମିଳିତ ଆନୁକୂଲ୍ୟରେ ବାଲିଆପାଳରେ ଉଦୟଘାଟିତ ହେଲା ଯୋଗ ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମ

ବାଲେଶ୍ୱର, ୨୦/୦୪(ଆ.ପ୍ର) : ବାଲିଆପାଳ ଯୋଗ ସମିତି ଦ୍ୱାରା ପରିଚାଳିତ ଏକ ଜିଲ୍ଲା ଧରଣର ପଂଚାୟତ ସ୍ତରୀୟ ଦ୍ୱିଦିବସୀୟ ଯୋଗ ପ୍ରଶିକ୍ଷଣ ଶିବିର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବାଲିପଦା ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଯୋଗ ଶିକ୍ଷକ ଜଗନ୍ନାଥ ଦେ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ । ବାଲିଆପାଳ ବ୍ଲକର ପ୍ରତିଟି ପଂଚାୟତରେ, ପ୍ରତିଟି ଗ୍ରାମରେ ଦୈନନ୍ଦିନ ଯୋଗ ଅଭ୍ୟାସ ଜାରୀଲା ଏକ ଲୋକପ୍ରିୟ ଜୀବନଚର୍ଯ୍ୟା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମଟି ଆରମ୍ଭ ହୋଇଛି । କାର୍ଯ୍ୟକ୍ରମର ପ୍ରାରମ୍ଭରେ ବାଘାସାଡମ ମହାନ ସ୍ମୃତି ପରିଷଦର ସଭାପତି ଅରବିନ୍ଦ ବେହେରା ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଅଭିଭାଷଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଯୁବ ବିକାଶର ଜିଲ୍ଲାପତି ଗୋବିନ୍ଦ ବଗୁଲା ଦାସ, ବିଶିଷ୍ଟ ପାରମ୍ପରିକ ଚିତ୍ରକର ଶ୍ରୀଧର ମଜାରଣା, ପୂର୍ବ ଚନ୍ଦ୍ର ପଣ୍ଡା, ବିଜୟ ଶତପଥି, ଜୀବନ ଶତପଥି ପ୍ରମୁଖ ଯୋଗ ଦେଇଥିଲେ । ପ୍ରକାଶ ଆଲ କି ଆସଣ୍ଡା ଜୁନ୍ ୨୪ ରୁ ୨୯ (ପଟିଦ୍ର ସ୍ଥାନ ପୂର୍ଣ୍ଣିମା) ୬ ଦିନ ଧରି ବିଗତ ବର୍ଷ ପରି କୋଣି ଜଲ୍‌ଦା ପରିସରରେ ପାରମ୍ପରିକ ପଟିଦିଅଁ ଅଙ୍କନ, ପଟ୍ଟଚିତ୍ର କର୍ମଶାଳା, ପ୍ରଦର୍ଶନୀ, ଆଲୋଚନା ସହ ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟ, ଚକ୍ରେଶ୍ୱରୀ ରାତ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ।

ସ୍ୱେଚ୍ଛାସେବୀଙ୍କ ସହାୟତାରେ ଭିନ୍ନକ୍ଷମଙ୍କୁ ନ୍ୟାୟ, ମିଳିଲା ୪୫,୩୦୦ ଟଙ୍କା ବକେୟା ଭତା

ଲଙ୍ଗଳେଶ୍ୱର, ୨୦/୦୪(ଆ.ପ୍ର) : ସରକାରଙ୍କ ନୂତନ ନିୟମ ଅନୁସାରେ ଭିନ୍ନକ୍ଷମ ଭତା ପାଇବାକୁ ହେଲେ ଅନଲାଇନ ଜରୁରୀ । ମାତ୍ର ବୃଣମୂଳ ସ୍ତରରେ କିଛି ଭିନ୍ନକ୍ଷମଙ୍କ ଅସହାୟତା ଏବଂ ନିରକ୍ଷରତା ଯୋଗୁଁ ଏହି ଅନଲାଇନ ଭିନ୍ନକ୍ଷମ ପ୍ରମାଣପତ୍ର ପାଇବା ଲକ୍ଷକର ହୋଇପଡିଛି । ଯାହା ଫଳରେ ତାଙ୍କୁ ମାସ ମାସ ଧରି ଭତା ଟଙ୍କା ପାଇବାରୁ ବଂଚିତ ହେବାକୁ ପଡୁଛି । ସୂତ୍ରରୁ ଅନୁସାରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ବାଲିକୁଟି ପଂଚାୟତର ମହାବଳା ଗ୍ରାମର ପାର୍ଥ ସାରଥୀ ସାମଲ, ବାଲିକୁଟି ଗ୍ରାମର ଶଙ୍କର ମୁର୍ମୁ ଏବଂ ବଣିଆଡିହା ପଂଚାୟତ ଲଙ୍ଗଳେଶ୍ୱର ଗ୍ରାମର ମହିଳା ବୃଦ୍ଧାରା ପଟ୍ଟାୟକ ଜନ୍ମରୁ ଭିନ୍ନକ୍ଷମ ଅଟନ୍ତି । ଉକ୍ତାୟକ ପାଖରେ ଅନଲାଇନ୍ ଭିନ୍ନକ୍ଷମ ପ୍ରମାଣପତ୍ର ନଥିବାରୁ ସେମାନେ ଏକ ବର୍ଷରୁ ଊର୍ଦ୍ଧ ଭିନ୍ନକ୍ଷମ ଭତା ପାଇବାରୁ ବଂଚିତ ଥିଲେ । ତେବେ ଏହି ତିନି ଭିନ୍ନକ୍ଷମଙ୍କ ଅଶିକ୍ଷିତତା ଏବଂ ସରକାରଙ୍କ ନିୟମ ସଠିକ ଭାବା ଜଣା ନଥିବାରୁ ବାରମ୍ବାର ବିଡିଓ ଅଫିସ ଯାଇ ଅନଲାଇନ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଅବେଦନେତ ହେଉଥିଲେ । ବସ୍ତା ତାଲୁକ ଆଳନ ସେବା ପ୍ରାଧିକରଣର ସ୍ୱେଚ୍ଛାସେବୀ ରାଜକିଶୋର ପାତ୍ର ଏହି ଭିନ୍ନକ୍ଷମଙ୍କ ବିଷୟରେ ଜାଣିବା ପରେ ବାପା ମାଆ ଛେଡଣ୍ଡ ଭିନ୍ନକ୍ଷମ ପିଲା ଶଙ୍କର ମୁର୍ମୁଙ୍କୁ ନିଜସ୍ୱ ପ୍ରାୟସରେ ବସ୍ତା ବ୍ଲକ ଭାମରୋଲ ଭିନ୍ନକ୍ଷମ ଚିକିତ୍ସା ଶିବିରକୁ ନେଇଥିଲେ । ସ୍ୱେଚ୍ଛାସେବୀ ଶ୍ରୀ ପାତ୍ର ଜନ ଅଭିଯୋଗ ଶୁଣାଣିରେ ଲଙ୍ଗଳେଶ୍ୱର ଜିଲ୍ଲାପାଳଙ୍କୁ ଏହି ଭିନ୍ନକ୍ଷମଙ୍କ ସମସ୍ୟା ବାବଦରେ ଜଣାଇବା ସହ ଅନଲାଇନ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଅନୁରୋଧ କରିଥିଲେ । ପରେ ଜିଲ୍ଲା ଚିକିତ୍ସାଳୟରେ ଉକ୍ତାୟକ ପାଇଁ ଅନଲାଇନ୍ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରସ୍ତୁତି ହୋଇଥିଲା । ଅନଲାଇନ ଭିନ୍ନକ୍ଷମ ପ୍ରମାଣପତ୍ର ପାଇବା ପରେ ଶ୍ରୀ ପାତ୍ର ପୁଣି ଏହି ଭିନ୍ନକ୍ଷମଙ୍କୁ ବକେୟା ଟଙ୍କା ସହ ଭତା ପୁନଃ ଚାଲୁ କରିବା ପାଇଁ ବାଲିଆପାଳ ଚିଡ଼ିଓ ରାଧା ରଞ୍ଜନ ଦାସ ଏବଂ ଭତା ବିଭାଗ ଦାୟିତ୍ୱରେ ଥିବା ପାର୍ଥ ସାରଥୀ ସାହୁଙ୍କୁ ଅନୁରୋଧ କରିଥିଲେ । ଚିଡ଼ିଓ ଶ୍ରୀ ଦାସ ଏବଂ ଭତା ବିଭାଗ ଦାୟିତ୍ୱରେ ଥିବା ଶ୍ରୀ ସାହୁ ଏହି ତିନି ଭିନ୍ନକ୍ଷମଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ଚଳିତ ମାସ ବକେୟା ଭତା ପ୍ରଦାନ କରିବାର ବ୍ୟବସ୍ଥା କରିଥିଲେ । ଭତା ବଂଟନ କରିଥିବା ସରକାରୀ ଅଧିକାରୀଙ୍କ ସୂଚନା ଅନୁସାରେ ଭିନ୍ନକ୍ଷମ ପାର୍ଥ ସାରଥୀ ସାମଲଙ୍କୁ ପିଛିଲା ଭାବେ ସମୁଦାୟ ୧୩ ମାସର ଭତା ୧୫,୬୦୦/- ଟଙ୍କା , ଶଙ୍କର ମୁର୍ମୁଙ୍କୁ ପିଛିଲା ଭାବେ ୧୬ ମାସର ଭତା ୧୯,୨୦୦/- ଟଙ୍କା ଏବଂ ଭିନ୍ନକ୍ଷମ ମହିଳା ସୁଭାରା ପଟ୍ଟାୟକଙ୍କୁ ବକେୟା ୧୩ ମାସ ପରିବର୍ତ୍ତେ ସାମୟିକ ଭାବେ ୩୫୦୦/- ଟଙ୍କାଆ ବର୍ଦ୍ଧିତ ଭତା ୩ମାସର ୧୦,୫୦୦/- ଟଙ୍କା ପ୍ରଦାନ କରାଯାଇଅଛି । ତେବେ ଏହି ତିନି ଭିନ୍ନକ୍ଷମଙ୍କୁ ସମୁଦାୟ ୪୫,୩୦୦/- ଟଙ୍କା ବଂଟନ କରାଯାଇଛି । ଟଙ୍କା ପାଇବା ପରେ ଭିନ୍ନକ୍ଷମମାନେ ଖୁସି ହେବା ସହ ସ୍ୱେଚ୍ଛାସେବୀ ଶ୍ରୀ ପାତ୍ର ଏବଂ ବାଲିଆପାଳ ପୁଶାସନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ବରଗଡ ଜିଲ୍ଲା ଅଚାବିରାର ଚକୁଲି ଫାର୍ମରେ ଅକ୍ଷିମୁଠି ଅନୁକୂଳ କଲେ ରାଜ୍ୟ ସଭାପତି
କୃଷି ଜିଡିପିରେ ଓଡ଼ିଶା ଶିଖରରେ ପହଂଚିବ: ମନେମୋହନ ସାମଲ

ବରଗଡ / ଭୁବନେଶ୍ୱର, ୨୦/୦୪(ଆ.ପ୍ର) : ପବିତ୍ର ଅକ୍ଷୟତୃତୀୟା ଚାଷମାନଙ୍କର ପାଇଁ ଗ୍ରେଣ୍ଡ, ଅନୁକୂଳ, ସଂକଳ୍ପ, ଉତ୍ସାହ ଏବଂ ଉଦ୍ୟମର ଦିନ । ଓଡ଼ିଶାର ଚାଷୀ ଏବେ ଭାରତବର୍ଷରେ ସୁନାମ ଅର୍ଜନ କରୁଛନ୍ତି । ଗୋଷ୍ଠୀମାନଙ୍କ ଅକ୍ଷୟ ପରିଶ୍ରମ କରିବା କାରଣରୁ କୃଷିଜାତ ଉତ୍ପାଦର କ୍ଷମତା ଆଜି ୨ ଗୁଣା ବୃଦ୍ଧି ପାଇଛି । ଚାଷୀଙ୍କ ଜନୁଚି ପାଇଁ ବଢିଜିପି ସରକାର ସଂକଳ୍ପବଦ୍ଧ । ଆଗାମୀ ଦିନରେ କୃଷି ଜିଡିପିରେ ଓଡ଼ିଶା ଶିଖରରେ ପହଂଚିବ ବୋଲି ବରଗଡ଼ ଜିଲ୍ଲାର ଅଚାବିରା ଚକୁଲି ଫାର୍ମରେ ଅକ୍ଷିମୁଠି ଅନୁକୂଳ କରି ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ କହିଛନ୍ତି । ରାଜ୍ୟ ସଭାପତି ଶ୍ରୀ ସାମଲ ପବିତ୍ର ଅକ୍ଷିତୃତୀୟା ଉପଲକ୍ଷେ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ କହିଛନ୍ତି ଯେ, ଚଳିତ ବର୍ଷ ବିଜେପି ସରକାର ଚାଷୀଙ୍କଠାରୁ ୭୫ ଲକ୍ଷ ମେଟ୍ରିକ୍ ଟୁନ ଧାନ କ୍ରୟ କରିଛନ୍ତି । ବରଗଡ଼ରେ ଅଚିରାତ୍ରି ରବି ଫସଲ ଅମଳ ଆରମ୍ଭ ହୋଇଛି । ବରଗଡ଼ ଜିଲ୍ଲା ହେଉଛି ଓଡ଼ିଶାର ଭାତହାଣ୍ଡି । ଚଳିତ ବର୍ଷ ରାଜ୍ୟୋତ୍ତର ରେକର୍ଡ ସଂଖ୍ୟକ ପରିମାଣର ଧାନ ସଂଗ୍ରହ କରାଯାଇଛି । ଏଥିରୁ ଜନୁଚିମୂଳକ କାର୍ଯ୍ୟଦ୍ୱାରା ଚାଷୀ ଆଜି ଆତ୍ମନିର୍ଭରଶୀଳ ହେବା ସହ ନିଜ ଗୋଡ଼େରେ ନିଜେ ଠିଆ ହୋଇପାରିଛି ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିବା ସହିତ ଏହି ଅବସରରେ ଏକ କୃଷି ସେବେଚନରୁ ହେଉଥିଲେ । ମାତ୍ର ପ୍ରଧାନମନ୍ତ୍ରୀ ନେତ୍ରତ୍ୱ ମୋଦି ସେଶର ନେତୃତ୍ୱ ନେଇ ପରପାରୁ ଚାଷୀଙ୍କ ରୋଜଗାର ୨ ଗୁଣା ବୃଦ୍ଧି ପାଇଛି । ରାଜ୍ୟରେ ବଳେ ଲଜିକ ସରକାର ଗଠନ ହେବା ପରପାରୁ ଚାଷୀଙ୍କୁ ଧାନ କ୍ୱିଂଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରାଯାଉଛି । ଖାଲିସେଚିକି ନୁହେଁ ପିଏମ୍ କିଷାନ ଓ ସିଏମ୍ କିଷାନ ସମ୍ମାନ ଭଳି ଯୋଜନା ମାଧ୍ୟମରେ ଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ଏବେ କୃଷିଚିକିତ୍ସା ଶିକ୍ଷ କରିବା ପାଇଁ ବିଜେପି ସରକାର ପେସବସ୍ତ ନେଇଛି । ଏଥାଦ୍ୱାରା ଚାଷୀଙ୍କ ଆୟ ବହୁଗୁଣା ବୃଦ୍ଧିପାଇବ । କୃଷିଜାତ ଦ୍ରବ୍ୟ ଯେଉଁଗୁଡ଼ି ନଷ୍ଟ ନହେବେ ସେମାନଙ୍କ ବିଭିନ୍ନ ବ୍ଲକରେ ଶୀତଳଭଣ୍ଡାର ଖୋଲିବା ପାଇଁ ବ୍ୟବସ୍ଥା କରାଯାଇଛି । ଏସବୁ ଜନୁଚିମୂଳକ କାର୍ଯ୍ୟଦ୍ୱାରା ଚାଷୀ ଆଜି ଆତ୍ମନିର୍ଭରଶୀଳ ହେବା ସହ ନିଜ ଗୋଡ଼େରେ ନିଜେ ଠିଆ ହୋଇପାରିଛି ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିବା ସହିତ ଏହି ଅବସରରେ ଏକ କୃଷି ସେବେଚନରୁ ରାଷ୍ଟ୍ରକୁ ଦେଖାଇ ଶୁଭାରମ୍ଭ କରିଥିଲେ । ଏହାପରେ ଅଚାବିରାଠାରେ ଏକ ସ୍ୱାଗତ ସମାରୋହ ଓ ମିଶ୍ରଣ ପର୍ବ ଆୟୋଜନ କରାଯାଇଥିଲା । ଏଥିରେ ରାଜ୍ୟ ସଭାପତି ଶ୍ରୀ ସାମଲ ନୂତନ କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥି

ସମ୍ପାଦକ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୨୧ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ
କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଭଗବତ୍ ସାଧନା

ଆମ ହିନ୍ଦୁ ଧର୍ମ ନାନା ଶାସ୍ତ୍ରଗ୍ରନ୍ଥର ଗନ୍ତାଘର । ଏହି ଶାସ୍ତ୍ରଗୁଡ଼ିକରେ ଭଗବତ୍ ପ୍ରାପ୍ତି ନିମିତ୍ତ ଅନେକ ସାଧନସବୁ ବତାଯାଇଛି, କିନ୍ତୁ ସେଥିରେ ଏଗୁଡ଼ି ଏକ ସରଳ ସାଧନ ଉଲ୍ଲିଖି, ଯଜ୍ଞାଦି କାର୍ଯ୍ୟ କାଳରେ ତଥା ଲକ୍ଷ୍ୟ ପୂର୍ତ୍ତିରେ ଆନନ୍ଦ ହିଁ ଆନନ୍ଦ ରହିଛି । ଅନ୍ୟ ସବୁ ସାଧନର କାର୍ଯ୍ୟକାଳରେ ପ୍ରଥମେ କଷ୍ଟ ଅନୁଭୂତ ହୁଏ, ଆଉ ପରିଣାମରେ ସୁଖ, ହେଲେ ଏହି ସାଧନରେ ତ ଉଭୟ ଅବସ୍ଥାରେ ଆନନ୍ଦ ହିଁ ଆନନ୍ଦ ଆଉ ପ୍ରସନ୍ନତା ମିଳିଥାଏ । ଏହି ସାଧନରେ କେବେହେଲେ କଷ୍ଟ ହୁଏନାହିଁ । ଯେଉଁ ସାଧନରେ ଅଳ୍ପ ବହୁତ କଷ୍ଟ ମିଳିଥାଏ, ସେଥିପାଇଁ ତ ବୋଧହୁଏ କେହି ସାଧନ କରୁ ନାହିଁ କିନ୍ତୁ ଯେଉଁଥିରେ କଷ୍ଟ ନାହିଁ ସେଥିରେ ବୋଧହୁଏ କାହାର କୌଣସି ଆପତ୍ତି ରହିବା ଉଚିତ ନୁହେଁ, କାହିଁକି ନାଁ ସେଥିରେ ଶାନ୍ତି ଓ ଆନନ୍ଦ ଉଭୟ ଅନୁଭବ ହୋଇଥାଏ । ଆଉ ସେଥିରେ ଏକ ବିଶେଷତା ହେଉଛି ସେଥିରେ କେବେ ମନ ଉରେନାହିଁ । ଛୋଟରୁ ଛୋଟ ବିଷୟାନନ୍ଦ ପାଇଁ ବ୍ୟକ୍ତି ପ୍ରୟାସ ତ କରିଥାଏ କିନ୍ତୁ ଇନ୍ଦ୍ରିୟ ଦ୍ୱାରା ଆନନ୍ଦ ଉପଭୋଗ କରି ସେ ଆନନ୍ଦିତ ହୋଇଯାଏ । ଯେଉଁଠି ପେଟଭରି ଭୋଜନ କରିବା ପରେ ଆଉ ସ୍ୱାଦିଷ୍ଟ ଅନ୍ନ ଖାଇବାର ଇଚ୍ଛା ରହେନାହିଁ, ସେହିଭଳି ଅନ୍ୟ ବିଷୟଭୋଗ ଜନିତ ଆନନ୍ଦର କଥା, କାହିଁକି ନାଁ ଏସବୁ ସାଧାରଣ ଆନନ୍ଦ ଅଟେ । କିନ୍ତୁ ଏହି ସାଧନରେ ଯେଉଁ ଆନନ୍ଦ ମିଳିଥାଏ, ତାହା ଅଲୌକିକ ତଥା ସେଥିରେ ହ୍ରାସ ନ ହୋଇ ଦିନକୁ ଦିନ ବୃଦ୍ଧି ପାଇବାକୁ ଲାଗେ । ଏଗୁଡ଼ି ଅବସ୍ଥାରେ ଯଦି କେହି ସାଧନ କରିବାକୁ ମନାକରନ୍ତି ତେବେ କଣ କରାଯିବ !! ଏହି ସାଧନ ଅତି ସୁଗମ, ଶାସ୍ତ୍ର ସମ୍ମତ ତଥା ଯୁକ୍ତିସଂଗତ ଅଟେ । ଏଥିରେ ପ୍ରତ୍ୟେକ ସମୟରେ ପ୍ରସନ୍ନତା ଓ ତୁଷ୍ଟି ସ୍ଥିତି ଉପଲବ୍ଧ ହୁଏ । ପ୍ରଭୁଙ୍କର ନିଜ ଲୋକଙ୍କ ଉପରେ ଅତ୍ୟନ୍ତ ଦୟାଭାବ ରହିଛି, ଅତଏବ ନିଜର କଲ୍ୟାଣ ନିଶ୍ଚିତ ହେବ, ଏଥିରେ ତିଳେ ହେଲେ ଶଙ୍କା କରିବା ଉଚିତ ନୁହେଁ । ପ୍ରତ୍ୟେକ ସମୟରେ ଭଗବତ୍ ସ୍ମରଣର ପୂର୍ବକ ଆନନ୍ଦରେ ନିବାସ କରିବାକୁ ହେବ । ଭଗବତ୍ ସ୍ମରଣରେ ମୁକ୍ତ ହୋଇଯିବା ଦରକାର । ପ୍ରସନ୍ନତା ଓ ଆନନ୍ଦ ତ ଭଗବାନଙ୍କର ସ୍ୱରୂପ ଅଟେ । ନିଜ ଇଷ୍ଟଦେବଙ୍କର ସ୍ମରଣକର ଅଥବା ଭଗବାନଙ୍କର କୌଣସି ଏକ ସ୍ୱରୂପକୁ ଯେଉଁଳି ରାମାୟଣ, ରାମନାମ୍, ଶିବ, କୃଷ୍ଣ ତଥା ନିରାକାର ଆଦି । ଯଦି କିଏ କହନ୍ତି କି ଭଗବାନଙ୍କର ସ୍ମରଣରେ ଆନନ୍ଦ ମିଳୁନାହିଁ, ଆନନ୍ଦ ନ ମିଳିଲେ କଣ ଶାସ୍ତ୍ର ତାଙ୍କୁ ଆନନ୍ଦହୀନ ବୋଲି କହିଥାନ୍ତେ । ଅତଃ ସିଦ୍ଧ ହେଉଛି କି, ଭଗବତ୍ ସ୍ମରଣରେ ଆନନ୍ଦ ହିଁ ଆନନ୍ଦ ରହିଛି, ଅନ୍ୟ କିଛି ନୁହେଁ । ଆନନ୍ଦ ପ୍ରତୀତ ନ ହେବା ତ ନିଜର ମାନ୍ୟତା ଅଟେ । ଯଦି ସାଧକ କେବଳ ମାନିଲେକେବେ କି, ଭଗବତ୍ ସ୍ମରଣରେ ଆନନ୍ଦ ରହିଛି, ତାକୁ ଆଗକୁ ଗଲେ ନିଶ୍ଚିତ ଆନନ୍ଦ ଉପଲବ୍ଧି ହେବ, ତେବେ ଏଥିରେ ଶଙ୍କାର ଅବକାଶକରା ନାହିଁ । ମାନିମେଚାରେ ହିଁ କଲ୍ୟାଣ ନିହିତ । ଭଗବାନ ଦୟାସାଗର ଅଟନ୍ତି ।' 'ଭଗବତ୍ ସ୍ମରଣରେ ଆନନ୍ଦ ଉପଲବ୍ଧି ହୁଏ'- କେବଳ ଏତିକି କୁଟିଳେଲେ ଦୟାମୟ ଭଗବାନ୍ ତାଙ୍କୁ ନିଶ୍ଚିତ ଆନନ୍ଦ ଉପଲବ୍ଧି କରାଇଦେବେ । ତାଙ୍କର ଦୟାଭୁତା ଆମର ନିବେଦନ ଉପରେ ନିର୍ଭର କରେ । ଏହି ସାଧନରେ ତତ ରହିଲେ ନିଶ୍ଚୟ କଲ୍ୟାଣ ହେବ, କାହିଁକି ନାଁ ପ୍ରଭୁଙ୍କର ଦୟା ଅପାର, ସୀମାତୀତ । ଭଗବତ୍ ସ୍ୱରୂପ ସହିତ ତାଙ୍କ ଗୁଣ, ପ୍ରଭାବ, ରହସ୍ୟ, ତତ୍ତ୍ୱକଥାକୁ ମନେପକାଇ ଆଉ ତନ୍ମୟରେ ହିଁ ମୁକ୍ତ ରହ । ତାଙ୍କର ସ୍ୱରୂପ ସର୍ବାଙ୍ଗ କରି ଦିରେଖ ହୁଅ । ନିଜକୁ ସଦା ଆନନ୍ଦରେ ମଜ୍ଜାଇଦେଖ । ସେଥିରୁ ବାହାରକୁ ଆସନାହିଁ, ତୃପ୍ତି ରହ କାରଣ ଭଗବାନ୍ ଆନନ୍ଦ ସ୍ୱରୂପ ଅଟନ୍ତି । ମନ ନ ହେଲେ ସେଥି ପ୍ରତି ଖାତିର କରନାହିଁ ।

ସ୍ରଷ୍ଟା ଓ ସମାଲୋଚକ

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

ଏକ ପାଠଶାଳାରେ ଏକ ସମୟରୁ ଏକ ପାଠ୍ୟ ଖଣ୍ଡଦ୍ୱାରେ ଅନେକ ପାଠ ଅଭ୍ୟାସ କରି କର୍ମମୟ ଦୁନିଆଁରେ ପ୍ରବେଶ କରୁଛନ୍ତି । ଯାହାର ବୁଦ୍ଧି ପ୍ରକୃତି ସହ ପରିଶ୍ରମ କରିବାର ଆଗ୍ରହ ଥିବ ଓ ସେ ଏକ ସୃଷ୍ଟି କରିବା ପାଇଁ ଉଦ୍ୟମ ଜାରି ରଖି ସଫଳତା ହାସଲ କରି ଲୋକ ପ୍ରସିଦ୍ଧି ଲାଭ କରିବ । ତାଙ୍କର ସମସାମୟିକ ପାଠୁଆମାନେ ଯଦି ସେହି ଲୋକ ପ୍ରସିଦ୍ଧିକୁ ଦେଖି ଈର୍ଷା ପରାୟଣ ହୋଇ ଆଖିର ପିଲା କାଳର ପାଠପଢ଼ା କାଳର ନାଳରୁ ସିଂଘାଣି ଚୋରୁଥିଲା, ଶ୍ରେଣୀରେ ଡେଗିରେ ଆସୁଥିବାରୁ ଶିକ୍ଷକଙ୍କ ଗାଳିଶୁଣୁଥିଲା ଇତ୍ୟାଦି ବୟାନ ଟିପ୍ପଣୀ ଦିଅନ୍ତି । ପିଲାକାଳର ଅଯସ ପର ସମୟର ଜୀବନକାଳ ଯାଏ ସମସ୍ତଙ୍କର ରହେନାହିଁ, ପ୍ରଷ୍ଠାନ୍ତରେ ବଢିବୁଡ଼ା ପରିବେଶ ଲାଭ ଉଦଯୋଗୀ, ଅଧ୍ୟବସାୟୀ ହୋଇ କାର୍ଯ୍ୟରତ ରହିଲେ ତାଙ୍କର ପିଲାକାଳର କଷ୍ଟ ରହିନଥାଏ । ବୁଦ୍ଧିଶାଣିତ ପାଇଁ ବିଦ୍ୟା ସହ ମେଧାର ସଦା ଆବଶ୍ୟକ । ଏକ ସ୍ଥାନରୁ ଚିରିନ୍ନ ରାଜନୈତିକ ଦଳ ନିର୍ବାଚନରେ ସ୍ୱ, ସ୍ୱ ଦଳପାଇଁ ପାଇଁ ଯୋଗାଡ଼ କରି ଭୋଟରଙ୍କ ଅନୁମୋଦନ ଆଶାୟୀ ହେଉଛନ୍ତି, ଏ ସମୟର ସବୁ ଲୋଟରଙ୍କ ମୂଲ୍ୟାୟନ ସମାନ ଧରା ଗଲେ ବି ବିଚେକ ଅନୁମୋଦିତ ମୂଲ୍ୟାୟନ ଗୁଡ଼ିବଡ଼ ବୋଧ ହେଲାଣି ।

ଗଣତନ୍ତ୍ର ସଙ୍କଟ କହିବାରେ ଲାଗିଲାଣି । ଦେଶର ପାଇଁ ରାଜ୍ୟ ପାଇଁ ଏକ ନିର୍ବାଚନ ମଣ୍ଡଳୀ ପାଇଁ ସ୍ଥାନ ଉଦ୍ଧାରକ ଉନ୍ମୁଖି କାରକ ଯୋଗ୍ୟ ଶିକ୍ଷିତ ଅନୁଭବୀ ବ୍ୟକ୍ତିକୁ ବାଛିବା ଲୋଟରଙ୍କ ଦାୟିତ୍ୱ, ମାତ୍ର ଲୋଟରଙ୍କୁ ପ୍ରଭାବିତ କରାଯାଉଛି, ବାଣିଜିକ ଗାଡ଼ିର ଆଶ୍ରୟ ଦଳ ବିଶେଷଙ୍କରି ଶାସକରେ ଥିବା ଦଳ ଓ ସେଣ୍ଡର ବଳିକ ଠିକାଦାର ଲୋଟରଙ୍କୁ ବିରିନ୍ନ ଥୋପ ଦେଖାଇ ଏକ ପାଖି ଗୁଡ଼ା ସୁପାରାକୁ ଜିତେଇ ନେଇ ସ୍ୱ ଉଦ୍ଦେଶ୍ୟସିଦ୍ଧି କରିବା ବିଲୁଣ୍ଟ ମାଡ଼ି ଚାଲିଲେଣି । ବାର୍ଗ ବର୍ଷ ଧରି ଗଦି ଧରି ରଖିବାକୁ ବିରିନ୍ନ ଦଳ ଆଗ୍ରହୀ । କାହିଁକି ଗଣତନ୍ତ୍ର ଦେଶ ଆମେରିକାରେ ପ୍ରତି ଚାରି ବର୍ଷରେ ନିର୍ବାଚନ ? କାହିଁକି ରାଜନେତା ଫାଟକର୍ଷରେ ନିର୍ବାଚନ ? ଯଦି ଏକକ ଦଳ ଦୀର୍ଘ ବର୍ଷ ଶାସନରେ ରହିବା ଅବଶ୍ୟକ ତେବେ ଆମେରିକା ହେଉ ବା ଭାରତ ହେଉ ସମିଧାନ ସଂସ୍କାର କରିବାପାଇଁ ପ୍ରସ୍ତାବ କାହିଁକି ଆଣୁନାହାନ୍ତି ? ଯେଉଁ ଯୋଜନା କରାଯିବା ସ୍ଥିର ହେଉଛି ତାର ସୁଦୂର ପ୍ରସାରୀ ଭାବନା ଚଳାଳ ସମ୍ପୂର୍ଣ୍ଣ ସଭାବଦ ଜନରେ ଅଛିକି ? ଅର୍ଥ, ଶିକ୍ଷା, ସ୍ୱାସ୍ଥ୍ୟ, ବାଣିଜ୍ୟ ଆଦି ବିଭାଗ ସୁଦୂଢ଼ ଜେମିତିକା ହେବ ଏ ପାଇଁ ଯେଉଁ ଯେଉଁ ବିଭାଗ ବାଛିନ୍ତି ମନ୍ତ୍ରୀ ସଚିବ ସମ୍ପାଳୁଛନ୍ତି ତାଙ୍କର କଣ ସ୍ପଷ୍ଟ ଯୋଗ୍ୟତା ? ସେମାନେ ଅଭିଜ୍ଞ ତତ ତତ ଶିକ୍ଷାବିତ୍କୁ ଯୁନିଭରସିଟି ମାନଙ୍କରୁ ବାଛି ବାଛି ଲିଡର କମିଟିରେ ରଖି ପରାମର୍ଶ ନେବା କଣ ଅବଶ୍ୟକ ନାହିଁ ?

ଦେଶର ସ୍ୱାଧୀନତା ଏବେ ଆମଦାନୀ ରପ୍ତାନୀ ପାଇଁ ସବୁ ଦେଶର ବିପନ୍ନ, ଯଦି ସବୁ ଦେଶ କଥା ଛାଡ଼ ଆମ ଦେଶକୁ ଏହି ସମୟରୁ ଆତୁନିର୍ଭର ହେବା କାମକୁ ଅଗ୍ରସାର କରିବା ତେବେ କିଛି ବର୍ଷ ପରେ ଗଣତନ୍ତ୍ର କଣ ସମ୍ଭବ ବୁଝି ପାରିବେ ? ଆଉ ଦେଶ ଏକ ଜିନ୍ନ ଶିକ୍ଷଣୀୟ ଆକର୍ଷଣ କେନ୍ଦ୍ର ହୋଇଯିବ । ସବୁ ସ୍ତର ଯଦି ବ୍ୟକ୍ତି କେନ୍ଦ୍ରୀକ ନ ହୋଇ ସମଷ୍ଟି ହେବ ତେବେ ଜଣେ କେବେ ବି ସମାଲୋଚନା କରିବାକୁ ସାହାସ କରିନପାରେ । ତେବେ ଝାଁ ଜୀ ଗୋଷ୍ଠୀ ନ ହେବା ଦରକାର ।

ସମ୍ପାଦକ 'ନିଗତି' ଅନୁଶୋଧକ ନଗର, କଟକ
ଦୂରଭାଷ : ୯୪୩୭୧୦୩୧୨୫୩

ଶିବସ୍ୱରୂପ ଆଦି ଶଙ୍କରାଚାର୍ଯ୍ୟ

॥ ପଣ୍ଡିତ ସୋମନାଥ ଦାଶ ॥

ଆଦି ଶଙ୍କରାଚାର୍ଯ୍ୟ କେରଳର କାଲଡ଼ି ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ତେବେ ଭଗବାନ ଶିବଙ୍କ ଆଶୀର୍ବାଦରୁ ତାଙ୍କ ମାତାପିତା ଶଙ୍କରଙ୍କୁ ପୁତ୍ର ରୂପେ ପାଇଥିବା କଥାଯାଏ । ଅଳ୍ପ ଦିନ ଧରି ଶଙ୍କରଙ୍କ ମାତା ଆର୍ଯ୍ୟାମ୍ବା ଦେବୀ ଏବଂ ପିତା ଶିବଗୁରୁଙ୍କର କୌଣସି ସନ୍ତାନ ହେଉନଥିଲେ । ସନ୍ତାନ ପ୍ରାପ୍ତି ନିମନ୍ତେ ଦୁହେଁ ତ୍ରିଶୂର ଦ୍ୱାରାବତୀସ୍ଥିତ ଶିବ ମନ୍ଦିରରେ ଅତି ନିଷ୍ଠା, ଶ୍ରଦ୍ଧା ସହିତ ଭଜନ କରୁଥିଲେ । ଦିନେ ଭାରତର ସ୍ପଷ୍ଟ ଆଶୁତୋଷ ଭଗବାନ ଶିବ ଏହି ଦୁଇ ଜଣଙ୍କୁ ସ୍ୱପ୍ନରେ ଆଶୀର୍ବାଦ ଦେବେ ଯେ ସେମାନଙ୍କର ଜଣେ ପ୍ରତିଭାମଣ୍ଡିତ, ଜ୍ଞାନଶାସ୍ତ୍ର, ଆଗମ ନିଗମ ଶାସ୍ତ୍ର ନିପୁଣ ପୁତ୍ର ଜାତ ହେବ । ସେ ସର୍ବଜ୍ଞ ହେବ କିନ୍ତୁ ତାର ଆୟୁ ମାତ୍ର ୩୨ ବର୍ଷ ହେବ । ପୁତ୍ର ପ୍ରାପ୍ତି ପରେରୁ ଦୁହେଁ ମାତା ପିତା ଖୁସି ହେଲେ କିନ୍ତୁ ଅଳ୍ପାୟୁ ହୋଇଥିବାରୁ ଦୁଃଖିତ ହେଲେ ।

ଭଗବାନ ଶିବଙ୍କ କୃପାରୁ ପୁତ୍ର ପ୍ରାପ୍ତି ହୋଇଥିବାର ବାଳକର ନାମ ଶଙ୍କର ରଖାଗଲା । ଶିବଙ୍କ କୃପାରୁ ଶଙ୍କର ବାଳ୍ୟାକାଳରୁ ହିଁ ଐଶ୍ୱରିକ ଶକ୍ତି ପ୍ରାପ୍ତ କରିଥିଲେ । ବାଲ୍ୟକାଳରେ ପିତା ଶିବଗୁରୁଙ୍କ ଦେହାନ୍ତ ହୋଇଗଲା । ତେଣୁ ତାଙ୍କ ମାତା ଶଙ୍କର ଉପନୟନ ସଂସ୍କାର ମାତ୍ର ୫ ବର୍ଷ ବୟସରେ କରାଇ ଦେଇଥିଲେ । ଏହାପରେ ତାଙ୍କୁ ବେଦ ଅଧ୍ୟୟନ ନିମନ୍ତେ ଗୁରୁକୁଳକୁ ପଠାଇ ଦେଇଥିଲେ । ଶଙ୍କର ବିଲକ୍ଷଣ ପ୍ରତିଭା କାରଣରୁ ତାଙ୍କର ଗୁରୁ ମଧ୍ୟ ଆଶ୍ଚର୍ଯ୍ୟଚକିତ ହୋଇଯାଇଥିଲେ । ଦୁଇ ବର୍ଷରେ ବେଦ ଅଧ୍ୟୟନ କରି ଶଙ୍କର ମାତାଙ୍କ ନିକଟରେ ପହଞ୍ଚିଲେ । ଏହି ସମୟରେ ସନ୍ନ୍ୟାସ ଗ୍ରହଣ କରିବା ଲାଗି ସେ ଇଚ୍ଛା ପ୍ରକଟ କଲେ । ମାତା ଅତ୍ୟନ୍ତ ବିଷାଦ ମନରେ ତାଙ୍କୁ ବିଦାୟ ଦେଲେ । ସନ୍ନ୍ୟାସ ଯାଆନ୍ତୁ ଏବଂ ବେଦବ୍ୟାସଙ୍କ ଦ୍ୱାରା ଲିଖିତ ବ୍ରହ୍ମସୂତ୍ରର ଟିକା ରଚନା କରନ୍ତୁ । ଅଦ୍ୱୈତ ବେଦାନ୍ତର ପ୍ରଚାର କରି ଭାରତୀୟ ସଂସ୍କୃତିକୁ ପୁନର୍ଜୀବିତ କରନ୍ତୁ । କାଶୀରେ ପଞ୍ଚଦ୍ରବ୍ୟ ବାଳକ ଶଙ୍କର ଦେବ ଉପସ୍ଥିତ ଏବଂ ଦର୍ଶନ ଲାଭରେ ପଣ୍ଡିତପୁର୍ଯ୍ୟ ପ୍ରବଚନ ଦେଲେ । ତାଙ୍କର ବିଦ୍ୟା ଦେଖି ଲାଶୀର ଅନେକ ପଣ୍ଡିତ ତାଙ୍କର ଶିଷ୍ୟ ହୋଇଯାଇଥିଲେ । ଶଙ୍କରଙ୍କର ଜଣେ ପ୍ରମୁଖ ଶିଷ୍ୟ ଥିଲେ ସନନ୍ଦନ । ଦିନେ ଗଙ୍ଗାନଦୀରେ ଅପରାପାର୍ଶ୍ୱରେ ସେ ଛିଡ଼ା ହୋଇଥିଲେ । ତାଙ୍କୁ ଶଙ୍କର ହାତ ହଲାଇ ପାଖକୁ ଡାକିଲେ । ଗୁରୁଙ୍କ ଆଜ୍ଞା ମାନି ସେ ପାଦରେ ଚାଲି ବାଲି ନଦୀ ପାର ହୋଇଯାଇଥିଲେ । ସେ ଗୋଟିଏ ଗୋଟିଏ ପାଦ ଆଗକୁ ପକାଇବା କ୍ଷଣି ତାଙ୍କ ପାଦ ତଳେ ଗୋଟିଏ ଗୋଟିଏ ପଦ୍ମ ଫୁଲ ବିଛାଇ ହୋଇଯାଉଥିଲା । ଏହିପରି ସେ ନଦୀ ପାର ହୋଇଥିଲେ । କେବଳ ଆଦି ଶଙ୍କରଙ୍କ ଯୋଗୁଁ ଏହା ସମ୍ଭବ ହୋଇଥିଲା । ଶିବସ୍ୱରୂପ ଆଦି ଶଙ୍କରାଚାର୍ଯ୍ୟଙ୍କ ଜୟ ଅବସରରେ ତାଙ୍କ ପାଦପଦ୍ମରେ ଭୂମିଷ୍ଠ ପ୍ରଣାମ ।

କର୍ମକାଣ୍ଡ ବିଶାରଦ ଓ ଜ୍ୟୋତିଷ ପରାମର୍ଶଦାତା, 'ମା ଶାରଳା ଆଷ୍ଟ୍ରୋ ପଏଂଟ' ସେକ୍ଟର-୬, ସିଡିଏ, କଟକ,
ଦୂରଭାଷ : ୭୦୦୮୦୦୦୮୯୮

ମିନାକ୍ଷୀ ଦେବୀ ମନ୍ଦିର

॥ ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ ॥

ପବିତ୍ର ରାମେଶ୍ୱର ଧାମ ଓ ରାମନାଥସ୍ୱାମୀ ଲିଙ୍ଗକୁ ଦର୍ଶନ କରିବା ପରେ ମିନାକ୍ଷୀ ଦେବୀଙ୍କୁ ଦର୍ଶନ କରିବା ପାଇଁ ଆମ ସାଥୀରେ ଥିବା କାରରେ ମଦୁରାଇ ଯାତ୍ରା କଲୁ । ରାମେଶ୍ୱରମ୍ ଠାରୁ ମଦୁରାଇର ଦୂରତା ୧୨୦ କି.ମି. । ତିନି ଘଣ୍ଟାର ବାଟ । ଏହା ତାମିଲନାଡୁ ରାଜ୍ୟର ଦ୍ୱିତୀୟ ବୃହତ୍ତମ ସହର । ଏଠାରେ ମାତା ପାର୍ବତୀ ମିନାକ୍ଷୀ ରୂପରେ ଓ ଭଗବାନ ଶିବ ସୁନ୍ଦରେଶ୍ୱର ନାମରେ ପୂଜା ପାଆନ୍ତି । ସହରର ମଧ୍ୟ ଭାଗରେ ଅବସ୍ଥିତ ମାତା ମିନାକ୍ଷୀ ଏବଂ ସୁନ୍ଦରେଶ୍ୱରଙ୍କ ମନ୍ଦିର ସୁନ୍ଦର କାରୁକାର୍ଯ୍ୟରେ ଭରା ବୁଜରି ବିଶାଳ ମନ୍ଦିର । ପ୍ରତିଦିନ ହଜାର ହଜାର ଯାତ୍ରୀ ଏହି ମନ୍ଦିର ତଥା ମନ୍ଦିର ପରିସରରେ ଥିବା ଅନ୍ୟାନ୍ୟ ମନ୍ଦିର, ଗୋପୁରମ୍ ଏବଂ ସ୍ତମ୍ଭମାନଙ୍କର ସୁଶୋଭିତ କଳାକାରୁକାର୍ଯ୍ୟ ଦର୍ଶନ କରି ଆଶ୍ଚର୍ଯ୍ୟ ପ୍ରକଟ କରନ୍ତି ।

ମିନାକ୍ଷୀ ମନ୍ଦିର ଭାରତର ବହୁ ପୁରାତନ ମନ୍ଦିର ମାନଙ୍କ ଭିତରୁ ଅନ୍ୟତମ । ଏହି ମନ୍ଦିର ଦେହାର ଲମ୍ବ ୮୪୭ ଫୁଟ ଓ ପ୍ରସ୍ଥ ୭୨୯ ଫୁଟ । ମନ୍ଦିର ଦେହାର ଚତୁର୍ପାର୍ଶ୍ୱରେ ଚାରୋଟି ବିଶାଳକାୟ ପ୍ରବେଶ ଦ୍ୱାର ରହିଛି । ପ୍ରତ୍ୟେକର ଉଚ୍ଚତାରି ଉଚ୍ଚତା ୧୨୦ଫୁଟ । ପ୍ରତ୍ୟେକ ପ୍ରବେଶ ଦ୍ୱାର ଦେହରେ ହଜାରରୁ ଅଧିକ ଦେବାଦେବୀ, ମୁନିଋଷି, ଗୋମାତା, ହାତୀ, ଘୋଡ଼ା ଓ ପଶୁପକ୍ଷୀଙ୍କର ସୁନ୍ଦର ରଙ୍ଗାବେରଙ୍ଗୀ ମୂର୍ତ୍ତିମାନ ସୁଶଙ୍ଖିତ ଭାବେ ସ୍ଥାପନ କରାଯାଇଛି । ସମସ୍ତ ପ୍ରବେଶ ଦ୍ୱାର, ଗୋପୁରମ୍ ଓ ମନ୍ଦିରମାନଙ୍କରେ ଏହିପରି ବୀଶୀ୦୦୦ ମୂର୍ତ୍ତି ଶୋଭା ପାଉଛି । ମନ୍ଦିର ମଧ୍ୟରେ ଗାଢ଼ଚି ମଣ୍ଡପ ବା ଗୋପୁରମ୍ ବିଦ୍ୟମାନ । ପ୍ରତ୍ୟେକ ଗୋପୁରମ୍ ୫୦ ମିଟରରୁ ଅଧିକ ଉଚ୍ଚତା ବିଶିଷ୍ଟ ପିରାମିଡ୍ ଆକାରରେ ନିର୍ମିତ । ପୁରାଣ ଯୁଗରେ ଦେବତାଙ୍କ ଲାଭ ବହୁଦିନ ପାପରୁ ମୁକ୍ତି ପାଇବା ପାଇଁ ଘୋର ତପସ୍ୟା କରିବାକୁ ଏହି ସ୍ଥାନରେ ଆସି ପହଂଚିଥିଲେ । ସେତେବେଳେ ଏଠାରେ ଘଂଟ ଜଙ୍ଗଲ ଥିଲା । ଏହି ଜଙ୍ଗଲରେ ଅନେକ କଦମ୍ବଗଛ ଥିଲା । ଇନ୍ଦ୍ର ଗୋଟିଏ କଦମ୍ବ ବୃକ୍ଷ ମୂଳରେ ସ୍ୱୟଂ ଲୁ-ଲିଙ୍ଗକୁ ଦର୍ଶନ କଲେ । ସେ ଏଠାରେ ଘୋର ତପସ୍ୟା କରି ଶାପ ମୁକ୍ତ ହୋଇଲେ । ଏଠାରେ ଥିବା ଏକ ପୋଖାରୀରୁ ପ୍ରତିଦିନ ସୁବର୍ଣ୍ଣ ପଦ୍ମଟେକି ସେ ଶିବଙ୍କୁ ଅର୍ପଣ କରୁଥିଲେ । ଶାସ୍ତ୍ରରେ ଅଛି ଶିବ ନିଜ ତ୍ରିଶୂଳ ନିକ୍ଷେପ କରି ଏଠାରୁ ପାଣି ବାହାର କରିଥିଲେ । ବିଶ୍ୱାସ କରାଯାଏ ଯେ ଦେବରାଜ ଇନ୍ଦ୍ର ଏହି ପୋଖରୀରୁ ସୁବର୍ଣ୍ଣ ପଦ୍ମ ନେଇ ଶିବଙ୍କୁ ପୂଜା କରୁଥିଲେ । ଏହି ସୁବର୍ଣ୍ଣ ପୋଖରୀର ଚତୁର୍ପାର୍ଶ୍ୱ ବିଶାଳ ପ୍ରାଚୀର ମାନଙ୍କ ଦ୍ୱାରା ପରିବେଷ୍ଟିତ । ଏହି ପ୍ରାଚୀର କାନ୍ଥମାନଙ୍କରେ ପୁରାଣ, ଇତିହାସରୁ ବିଭିନ୍ନ ଘଟଣାମାନ ବିନ୍ଦିତ କରାଯାଇଛି ଓ ପ୍ରାଚୀରରେ ଥିବା ମାର୍ବଲ ପ୍ରସ୍ତର ମାନଙ୍କରେ ପ୍ରାଚୀନ ଗ୍ରନ୍ଥମାନଙ୍କରୁ କବିତା, ଶ୍ଳୋକ, ସ୍ତୋତ୍ର ଓ ଦେବାଦେବୀଙ୍କର ବନ୍ଦନାମାନ ଖୋଦେଇ କରାଯାଇ ଲେଖା ଯାଇଛି । ସୁବର୍ଣ୍ଣ ପଦ୍ମପୋଖରୀ ଦର୍ଶନ କରି ମିନାକ୍ଷୀ ମନ୍ଦିରର ବାହ୍ୟ ମଧ୍ୟରେ ପ୍ରବେଶ କରିବାକୁ ପଡ଼େ । ଗର୍ଭଗୃହ ମଧ୍ୟରେ ମାତା ମିନାକ୍ଷୀଙ୍କର ସୁନ୍ଦର ଦଣ୍ଡାୟମାନ ମୂର୍ତ୍ତି ଶାନ୍ତି ଓ ଦୟାର ପ୍ରତୀକ ସ୍ୱରୂପ ହାତରେ ଶୁଆ ଓ ଫୁଲଗୋଡ଼ା ଧରି ବିରାଜମାନ । ମାତାଙ୍କର ଏହି ସୁନ୍ଦର ମୂର୍ତ୍ତି ଦର୍ଶନ ମାତ୍ରେ ମାନବେ ଭକ୍ତି ଓ ଆନନ୍ଦ ଜାଗ୍ରତ ହୁଏ । ମାତାଙ୍କର ଦର୍ଶନ ପରେ ସୁନ୍ଦରେଶ୍ୱର ମନ୍ଦିର ଦର୍ଶନ କରୁ । ମନ୍ଦିରର ପ୍ରବେଶ ଦ୍ୱାରରେ ୧୨ ଫୁଟ ଉଚ୍ଚତା ବିଶିଷ୍ଟ ଦୁଇ ଦ୍ୱାରପାଳକ ବିଶାଳ ତମାମୂର୍ତ୍ତି ଦଣ୍ଡାୟମାନ । ମନ୍ଦିରର ଗର୍ଭଗୃହ ପୂର୍ବରୁ ମହାମଣ୍ଡପରେ ଶିବଙ୍କର ନଟରାଜ ମୂର୍ତ୍ତି ତାଙ୍କର ଦକ୍ଷିଣ ପାଦ ଉର୍ଦ୍ଧ୍ୱକୁ ତୋଳି ବିରାଜମାନ । ଏହା ସହିତ ୬୩ ଶିବ ଲିଙ୍ଗ ମୂର୍ତ୍ତି ଗର୍ଭଗୃହ ମଧ୍ୟ ମୂର୍ତ୍ତିମାନ ରଖାଯାଇଛି । ଗର୍ଭଗୃହରୁ ଇନ୍ଦ୍ର ବିମାନ କୁହାଯାଏ । ଏହାକୁ ୬୪ ଭୂତଗଣ, ୮ଟି ହାତୀ ଓ ଦୁଇଟି ସିଂହ ଧାରଣ କରି ରଖିଛନ୍ତି । ଏହାର ମଧ୍ୟ ଭାଗରେ ଭଗବାନ ସୁନ୍ଦରେଶ୍ୱର ଲିଙ୍ଗ ରୂପରେ ପୂଜା ପାଆନ୍ତି । ମନ୍ଦିର ମଧ୍ୟରେ ସହସ୍ର ସ୍ତମ୍ଭର ବିରାଟ ଗୃହ ଯାତ୍ରୀ ମାନଙ୍କୁ ବିଶେଷ ଆକର୍ଷଣ କରେ । ଏହା ଦଲାଲାଲ ଚଟିଆନ୍ତର ଗୁରୁଲିୟରଙ୍କର ଦ୍ୱାରା ୧୫୬୯ ଖ୍ରୀଷ୍ଟାବ୍ଦରେ ନିର୍ମିତ । ଏହି ସ୍ତମ୍ଭ ମାନଙ୍କର କାରୁକାର୍ଯ୍ୟ ଅବର୍ଣ୍ଣନୀୟ । ଏଥିରେ ନର୍ତ୍ତନ ଗଣେଶ, ଶିବ, ଇନ୍ଦ୍ର, ମନୁଷ୍ୟ, ଅର୍ଜୁନ, ରାମ, ଚନ୍ଦ୍ରମାନ୍ଦ୍ର, ସରସ୍ୱତୀ ଓ ମୋହିନୀଙ୍କର ସୁନ୍ଦର ମୂର୍ତ୍ତିମାନ ଖୋଦିତ ହୋଇଅଛି । ଗୃହର ଶେଷ ଭାଗରେ ନଟରାଜ ଏବଂ ଶିବଲିଙ୍ଗମାନର ସୁନ୍ଦର ମୂର୍ତ୍ତି ଏକ ମଣ୍ଡପ ଉପରେ ବିରାଜମାନ ।

ମଦୁରାଇରେ ତିରୁମଲାଲ ନାୟକ ଗାଢ଼ପ୍ରାସାଦ ଏକ ଦର୍ଶନୀୟ ସ

ଆରମ୍ଭ

SEITHO ARAMBHA

ମଙ୍ଗଳବାର, ୨୧ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର, ୨୦/୦୪(ଆ.ପ୍ର) : ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦସ୍ୟତାନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିରରେ ଜିଲ୍ଲାପାଳ ଜେ ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ । ଆଜି ମୋଟ ୫୮ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୩ ଗୋଟି, ରୋଷ୍ଟାରଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୫ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମସ୍ୟା ସମ୍ପର୍କୀୟ ୩ ଟି, ଆବାସ ଯୋଜନା ସମ୍ପର୍କୀୟ ୭ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୮ ଟି, ଭତା ପାଇବା ପାଇଁ ୪ଟି, ପୋଲିସ ସମ୍ବନ୍ଧୀୟ ପାଇବା ପାଇଁ ୪ଟି ଏବଂ ଅନ୍ୟାନ୍ୟ ୨୩ ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୪ ଟି ଅଭିଯୋଗର ତତ୍ଜାକ ଫରୱାଲ କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଅତିରିକ୍ତ ଜିଲ୍ଲାପାଳ, ଜ୍ୟୋତି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଅକ୍ଷୟ କୁମାର ପିଲ୍ଲେ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସତ୍ୟବ୍ରତ ଦାଶ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ବୁଲ୍ ଉନ୍ନୟନ ଅଧିକାରୀ, ଜଗତସିଂହପୁର, ଆଶୁତୋଷ ମିଶ୍ର, ତହସିଲଦାର, ଜଗତସିଂହପୁର, ଅଜୟ କୁମାର ମାଝି, ଜିଲ୍ଲା ସ୍ତରୀୟ ଅଧିକାରୀ, ନିର୍ବାଚନୀ ଅଧିକାରୀ ପୌର ପରିଷଦ, ଜଗତସିଂହପୁର, ରଶ୍ମିପ ସିଂ, କ୍ଷେତ୍ରୀୟ ଅଧିକାରୀ, ବୁଲ୍ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗ ଶୁଣାଣି କରିଥିଲେ ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥକାଠ ଅନୁକୂଳ ଓ ଚନ୍ଦନ ଯାତ୍ରା ଆରମ୍ଭ

ପୁରୀ, ୨୦/୦୪(ଆ.ପ୍ର) : ପବିତ୍ର ଅକ୍ଷୟ ତୃତୀୟା ଅବସରରେ ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ କାଠ ଅନୁକୂଳ ସହିତ ରଥଯାତ୍ରା ପ୍ରସ୍ତୁତି ଆରମ୍ଭ ହୋଇଛି । ପବିତ୍ର ରଥ କାଠ ସହିତ ତିନୋଟି ରଥ ନିର୍ମାଣ ଆରମ୍ଭ ହୋଇଛି । ଏଥି ସହିତ ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚାପ ଖେଳ (ନୌକାବିହାର ଉତ୍ସବ) ସହିତ ୨୧ ଦିନିଆ ଚନ୍ଦନ ଯାତ୍ରା ଆରମ୍ଭ ହୋଇଯାଇଛି । ରଥ କଥା ଅନୁକୂଳ ପାଇଁ ଆଜ୍ଞା ମାଳ (ବିଦ୍ୟ ସ୍ତମ୍ଭ ମାଳା) ସ୍ଥାପନ ପରେ, ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ ଠାକୁର ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ପାଇଁ ରଥ ନିର୍ମାଣ ଆନୁଷ୍ଠାନିକ ଭାବରେ ଚନ୍ଦନଦାଣ୍ଡରେ ଆରମ୍ଭ ହୋଇଥିଲା । ପ୍ରଚଳିତ ବିଧି ଅନୁସାରେ ନରିଘୋଷ, ତାଳଧ୍ୱଜ ଏବଂ ଦର୍ପଦଳନ ରଥ ନିର୍ମାଣର ଶୁଭ ଆରମ୍ଭ ବିଧିବତ କରି, ଆନୁଷ୍ଠାନିକ କାଠକୁ ବିଶେଷ ନରସିଂହ ମନ୍ତ୍ର ଏବଂ ଏକ ସୁବର୍ଣ୍ଣ କୁରାଢ଼ି ସହିତ ପବିତ୍ର କରାଯାଇ ଅନୁକୂଳ କରାଯାଇଥିଲା । ସେହିପରି ୨୧ ଦିନିଆ ବାହାର ଏବଂ ଭିତର ଚନ୍ଦନ ଯାତ୍ରା ଆରମ୍ଭ ହୋଇଯାଇଛି ।

ଅକ୍ଷୟ ତୃତୀୟା ଅବସରରେ ସାରଥୀ ଧାମରେ ରଥକାଠ ଅନୁକୂଳ

ପାଟପୁର, ୨୦/୦୪(ଆ.ପ୍ର) : ଗଞ୍ଜାମ ଜିଲ୍ଲା ପାଟପୁର ବ୍ଲକ ଜରଡ଼ା ସାରଥୀ ଧାମରେ ପ୍ରଥମ ଥର ପାଇଁ ଅକ୍ଷୟ ତୃତୀୟା ଅବସରରେ ରଥ କାଠ ଅନୁକୂଳ କରାଯାଇଛି । ଅକ୍ଷାଡ଼ି ମାସରେ ଦେବାକୁ ଯାତ୍ରାର ପ୍ରସିଦ୍ଧ ରଥଯାତ୍ରା ପାଇଁ ଚଳିତ ବର୍ଷ ନୂଆ ରୂପ ରେଖରେ ରଥ ନିର୍ମାଣ ହେବାକୁ ଯାଉଛି । ଟିକିଟି ବିଧାୟକ ମନୋରଞ୍ଜନ ଦାଶ ସାମନ୍ତରାୟ, ବିଧାୟକ ପ୍ରାର୍ଥୀ ବିଜୟନନ୍ଦ ଶ୍ରୀରୂପ ଦେବଙ୍କ ସମେତ ଅନେକ ବଦାନ୍ୟ ବ୍ୟକ୍ତିଙ୍କ ସାହାଯ୍ୟ ସହଯୋଗରେ ନୂଆ କାଠ ଆସିଥିବା ବେଳେ ନୂଆ ରଥ ନିର୍ମାଣ ପାଇଁ ଅଢ଼ୁଲ ସମ୍ବଳର ଆବଶ୍ୟକତା ରହିଛି । ପୂର୍ବରୁ ରଥଯାତ୍ରା ପଞ୍ଚାୟତ୍ ସମିତିରେ ରଥ ନିର୍ମାଣ ହେଉଥିବା ବେଳେ ପ୍ରଥମ ଥର ପାଇଁ ଅକ୍ଷୟ ତୃତୀୟା ଅବସରରେ ରଥ କାଠ ଅନୁକୂଳ କରାଯାଇଛି । ପ୍ରାଚୀନ ସମୟରେ ଦ୍ୱୋ ପ୍ରାସାଦ ପଷ୍ଠା ପୂଜା କର୍ମ କରିଥିବା ବେଳେ କୌଳୀକ ମହାରଣା ରଥ କାଠ ଅନୁକୂଳ କରିଥିଲେ । ଆଜିର ଏହି ରଥ କାଠ ଅନୁକୂଳ କାର୍ଯ୍ୟକ୍ରମରେ ପରିଚାଳନା କମିଟି, ସ୍ୱେଚ୍ଛାସେବୀ ଓ ଭକ୍ତ ମାନେ ଉପସ୍ଥିତ ଥିଲେ ।

ବ୍ଲକସ୍ତରୀୟ କୃଷକ ଦିବସ ପାଳିତ

ନିମାପଡ଼ା, ୨୦/୦୪(ଆ.ପ୍ର) : ବୈଶାଖ ମାସ ଶୁକ୍ଳ ପକ୍ଷ ତୃତୀୟା ତିଥି ଦିବସକୁ ଅକ୍ଷୟ ତୃତୀୟା ଭାବରେ ପରିଚିତ । ପୌରାଣିକ ଗ୍ରନ୍ଥ ଅନୁସାରେ ଏହି ତିଥିରେ ଯେ କୌଣସି କାର୍ଯ୍ୟ କରାଗଲେ ଅକ୍ଷୟ ଫଳ ମିଳିଥାଏ । ଏପରି ତିଥି ଯେଉଁ ତିଥିରେ ସୌ ଭାଗ୍ୟ ଏବଂ ଶୁଭ ଫଳ କେବେବି ଶେଷ ହୁଏ ନାହିଁ । ଓଡ଼ିଆ ସଂସ୍କୃତି ଅନୁଯାୟୀ ଏହି ଦିନକୁ ସରକାରୀସ୍ତରରେ କୃଷକ ଦିବସ ରୂପେ ପାଳନ କରାଯାଏ । କୃଷକ ଏହିଦିନ ଅମୃତ ବେଳାରେ ଅଖି ମୁଠି ଅନୁକୂଳ କରି କୃଷି କାର୍ଯ୍ୟର ଶୁଭାରମ୍ଭ କରି ଥାଏ । ଏହିପରି ପ୍ରେକ୍ଷିରେ ଆଜି ଗୋପ ବ୍ଲକର ୨ ନମ୍ବର ପଂଚାୟତ କାର୍ଯ୍ୟାଳୟ ଠାରେ ଅଖି ମୁଠି ଅନୁକୂଳ କାର୍ଯ୍ୟ ହୋଇଥିଲା । ବ୍ଲକ କୃଷି ଅଧିକାରୀ ଜୟଲକ୍ଷ୍ମୀ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଗୁରୁ ମଲ୍ଲିକ, ୧୩ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ପୁଷ୍ପାଞ୍ଜଳି ସ୍ୱାଇଁ ସରପଂଚ ସମିତି ସଭ୍ୟ ସମେତ । ଚାରୁ ଲୋକ ପ୍ରତିନିଧି ଓ ଚାଷୀ ଯୋଗ ଦେଇଥିଲେ । ସହକାରୀ କୃଷି ଅଧିକାରୀ ଚନ୍ଦ୍ର ଶେଖର ଦାସ ଟିମ୍ ଶ୍ରୀକାନ୍ତ ମହାରଣା, କୃଷି ଓଭର ଶିଅର ସମେତ ସମସ୍ତ ଗ୍ରାମ୍ୟ କୃଷି କର୍ମଚାରୀ କୃଷକ ସାଥୀ ମାନେ ଯୋଗ ଦେଇଥିଲେ । ଆଗାମୀଦିନରେ ଏହି ବ୍ଲକ କୃଷି କ୍ଷେତ୍ରରେ ଜିପରି ଅଗ୍ରଣୀ ବ୍ଲକ ଭାବେ ଘୋଷଣା ହେବା ସେଥିପ୍ରତି ସମସ୍ତେ ଧ୍ୟାନ ଦେବାକୁ ବ୍ଲକ କୃଷି ଅଧିକାରୀ ଜୟ ଲକ୍ଷ୍ମୀ ସାହୁ କହିଥିଲେ ।

ପାପଡାହାଣ୍ଡିରେ ଅକ୍ଷୟ ତୃତୀୟାରେ ରଥ କାଠ ଅନୁକୂଳ

ପାପଡାହାଣ୍ଡି, ୨୦/୦୪(ଆ.ପ୍ର) : ପାପଡାହାଣ୍ଡି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ପାଖେ ଅକ୍ଷୟ ତୃତୀୟା ରେ ରଥ କାଠ ଅନୁକୂଳ କରାଯାଇଥିଲା । ଜଗନ୍ନାଥ ମନ୍ଦିର ମୁଖ୍ୟ ପୂଜକ ବାଞ୍ଛାନିଧି ନନ୍ଦ ଓ ସତ୍ୟନାରାୟଣ ନନ୍ଦ ପ୍ରଭୁ ଜଗନ୍ନାଥଙ୍କ ନୀତିକାନ୍ତି ପୂଜାର୍ଚ୍ଚନା କରିବା ପରେ ରଥ ପାଇ ଅଣା ଯାଇଥିବା ନୂତନ କାଠକୁ ପୂଜାର୍ଚ୍ଚନା କରିଥିଲେ, ଏହି ନୂତନ କାଠକୁ ପୁରୁଣା ରଥ କାଠରେ ଜଡିତ କରି ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ । ଏହି ରଥ ପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଲଥଯାତ୍ରା କରି ମାଉସୀ ମା ମନ୍ଦିର ଯିବେ ଓ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ । ରଥ କାର୍ଯ୍ୟ ନିର୍ମାଣ କରିବା ଶିଳ୍ପୀ ମାନଙ୍କୁ ଉତରାୟ ଓ ଦକ୍ଷୀଣା ଦେଇ ସମ୍ମାନିତ କରାଯାଇଥିଲା । ଏହି ରଥ କାଠ ଅନୁକୂଳ ସମୟରେ ପୂଜକ ନୀଳକଣ୍ଠ ତ୍ରିପାଠୀ, ହରି ପଣ୍ଡିଶ୍ରୀଙ୍କ ସାହାଯ୍ୟ ସହଯୋଗ କରିଥିଲେ । ଗ୍ରାମର ମହିଳା ଓ ପୁରୁଷ ଭକ୍ତ ଉପସ୍ଥିତ ରହିଥିଲେ ।

ଅନାଥ କୁନି ଝିଅ ପାଇଁ ସହାୟତା ଦାବୀ, ନିରବ ପ୍ରଶାସନ ଉପରେ ପ୍ରଶ୍ନ

ସିନାପାଲି, ୨୦/୦୪(ଆ.ପ୍ର) : ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଅନ୍ତର୍ଗତ ଭଲୁଆମୁଣ୍ଡା ଗ୍ରାମପଂଚାୟତର ଚରଗାଜଗା ଗ୍ରାମର ଏକ କୁନି ଝିଅ ଊଷା ଛତ୍ରିଆଙ୍କ ଜୀବନ ଆଜି ଦୁଃଖ ଓ ଅସହାୟତାର ଜୀବନ୍ତ ଚିତ୍ର ପ୍ରସ୍ତୁତ କରୁଛି । କମ୍ ବୟସରେ ଜୀବନର କଠୋର ସତ୍ୟ ସହ ମୁହାଁମୁହିଁ ହୋଇଥିବା ଏହି ନିର୍ବୋଧ ଝିଅଟି ଏବେ ସମାଜ ଓ ପ୍ରଶାସନର ସହାନୁଭୂତି ଓ ସହଯୋଗ ଅପେକ୍ଷାରେ ଅଛନ୍ତି । ସୂତନା ଅନୁଯାୟୀ, ଊଷାଙ୍କ ପିତାଙ୍କ ବିଷୟରେ ସ୍ପଷ୍ଟ ତଥ୍ୟ ମିଳୁନି । ତାପରେ ଚାର ବର୍ଷ ତାଙ୍କ ମାଆ ଯମୁନା ଛତ୍ରିଆଙ୍କ ଦେହାନ୍ତ ହେବା ପରେ ସେ ସଂପୂର୍ଣ୍ଣ ଭାବେ ଅନାଥ ହୋଇପଡ଼ିଛନ୍ତି । ବର୍ତ୍ତମାନ ସେ ତାଙ୍କ ମାମୁଁ ପୂଳଚନ ଛତ୍ରିଆଙ୍କ ଆଶ୍ରୟରେ ରହୁଥିବା ବେଳେ, ମାମୁଁଙ୍କ ପରିବାର ମଧ୍ୟ ଦରିଦ୍ର ସୀମାରେଖା ତଳେ ଥିବାରୁ ଊଷିଟିଙ୍କ ଜୀବନ ଗୁରୁତର ସମସ୍ୟାରେ ପଡିଛି । ଊଷାଙ୍କ ପାଇଁ ନିୟମିତ ଭାବେ ଖାଦ୍ୟ, ଶିକ୍ଷା ଓ ନିବାସ ବ୍ୟବସ୍ଥା କରିବା ଦୁର୍ଲଭ ହୋଇପଡିଛି । ତାଙ୍କ ଭବିଷ୍ୟତ ଅନିଶ୍ଚିତତାର ଅନ୍ଧକାରରେ ଢାକିଯାଇଥିବାରୁ ସ୍ଥାନୀୟ ଲୋକମାନେ ଗଭୀର ଚିନ୍ତା ବ୍ୟକ୍ତ କରିଛନ୍ତି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପ୍ରଶାସନ ପକ୍ଷରୁ ସମୟୋଚିତ ସହାୟତା ମିଳିଲେ ଏହି କୁନି ଝିଅଟି ଶିକ୍ଷା ଓ ଜୀବନରେ ଆଗକୁ ବଢ଼ିପାରିବ । କିନ୍ତୁ ଦୁଃଖର କଥା, ଏପର୍ଯ୍ୟନ୍ତ ତାଙ୍କୁ କୌଣସି ସରକାରୀ ସହାୟତା ମିଳିନାହିଁ । ଏହାକୁ ନେଇ ଅଂଚଳରେ ଅସନ୍ତୋଷ ଦଉଡୁଥିବା ବେଳେ, ସାଧାରଣ ଜନତା ଓ ସଚେତନ ମହଲର ଦାବୀ ହେଉଛି ପ୍ରଶାସନ ତୁରନ୍ତ ଏହି ଘଟଣାରେ ହସ୍ତକ୍ଷେପ କରି ଜିଆଇ ପାଇଁ ଶିକ୍ଷା, ଖାଦ୍ୟ, ନିବାସ ଓ ଆବଶ୍ୟକ ଅନ୍ୟାନ୍ୟ ସୁବିଧା ସୁନିଶ୍ଚିତ କରୁନ୍ତୁ । ଏହାସହିତ, ଶିଶୁ କଲ୍ୟାଣ ଯୋଜନା ମାଧ୍ୟମରେ ତାଙ୍କୁ ସୁରକ୍ଷା ଓ ଉଜ୍ଜ୍ୱଳ ଭବିଷ୍ୟତ ଦେବା ପାଇଁ ଶୀଘ୍ର ସବକ୍ଷେପ ନିଆଯିବାକୁ ଜୋର ଦିଆଯାଇଛି । ଯଦି ପ୍ରଶାସନ ସମୟରେ ଦୃଷ୍ଟି ଦେଉଛି, ତେବେ ଜିଆ ଭଳି ଏକ ନିର୍ବୋଧ ଜୀବନ ଅନ୍ଧକାରରୁ ଆଲୋକ ଦିଗକୁ ଗତି କରିପାରିବ ।

ପବିତ୍ର ଅକ୍ଷୟ ତୃତୀୟା ପାଳନ ଅବସରରେ ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳନ

ନବରଙ୍ଗପୁର, ୨୦/୦୪(ଆ.ପ୍ର) : ଆଜି ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଆଜି ପୂର୍ବାହ୍ନ ୯.୦୦ ଘ ସମୟରେ ଜାନକୀ ନଗର ସିଆରପିଏଫ୍ ଛାଉଣୀ ଗାଖା ପାର୍ଶ୍ୱ ଜମିରେ ଜିଲ୍ଲା ସ୍ତରୀୟ କୃଷକ ମହାସମାରୋହରେ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଜିନ୍ସମ ସଶକ୍ତିକରଣ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବରେ ବିଧାୟକ ନବରଙ୍ଗପୁର ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ଯୋଗଦେଇ ପୂଜାର୍ଚ୍ଚନା ପରେ ଅଖି ମୁଠି ଅନୁକୂଳ କରିଥିଲେ । ମନ୍ତ୍ରୀ ଓ ବିଧାୟକ ଜମିରେ ଧାନ ବୁଣିଥିବା ବେଳେ ବଳଦ ସହାୟତାରେ ଜମିରେ ହଳ କରିଥିଲେ । ମନ୍ତ୍ରୀ ଏବଂ ବିଧାୟକ କୃଷି ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସୁଧୀର ରଞ୍ଜନ ବେହେରା, ପ୍ରକଳ୍ପ ନିର୍ଦ୍ଦେଶକ ଜଳହାୟା ମିଶନ ଚିନ୍ତାମଣି ବେହେରା, ଉପ ନିର୍ଦ୍ଦେଶକ ଉଦ୍ୟାନ ସୁବ୍ରତ ମହାନ୍ତି, ବରିଷ୍ଠ କୃଷି ବିଜ୍ଞାନୀ କୃଷି ବିଜ୍ଞାନ କେନ୍ଦ୍ର ଶଶାଙ୍କ ଲେଙ୍କା, ଡି ଆଇପିଆର୍ ଓ ମନୋଜ ବେହେରା, ନବରଂଗପୁର ଓ ଉମରକୋଟ କୃଷି ବିଭାଗର ଅଧିକାରୀ ଓ କର୍ମଚାରୀ, ଚାଷୀ, ଗଣମାଧ୍ୟମ ପ୍ରତିନିଧି ମାନେ ଅଂଶଗ୍ରହଣ କରିଥିଲେ । ଏହା ସହିତ ନବରଙ୍ଗପୁର ସ୍ଥିତ ମିଶନ ଶକ୍ତି ସମ୍ମିଳନୀ ଭବନରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସିଏମ୍ କିଷାନ୍ ଯୋଜନା ମାଧ୍ୟମରେ ପ୍ରତ୍ୟେକ ଚାଷୀମାନଙ୍କୁ ୨୦୦୦ ଟଙ୍କା ସହାୟତା ରାଶି ଟଂଟନର କାର୍ଯ୍ୟକ୍ରମ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର, କଟକରୁ ସିଧା ପ୍ରସାରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ଚାଷୀମାନଙ୍କୁ କୃଷକ ଦିବସ ର ଶୁଭେଚ୍ଛା ଜଣାଇ ରାଜ୍ୟ ସରକାର ଚାଷୀର ଉନ୍ନତିରେ ରାଜ୍ୟର ଉନ୍ନତିରେ ବିଶ୍ୱାସ ରଖୁଛନ୍ତି ଏବଂ ବିଭିନ୍ନ ଯୋଜନା ଦ୍ୱାରା ଚାଷୀଙ୍କୁ ସର୍ବଦା ସହାୟତା ହେଉଛନ୍ତି ବୋଲି କହିଥିଲେ । କିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଚାଷୀ ମାନଙ୍କୁ ଛେଚକ ଧାନ ଓ ମକା ଚାଷ ନ କରି ବିବିଧ ଫସଲ କରିବା ସହ ଜମିରେ ଅତ୍ୟଧିକ ରାସାୟନିକ ସାର ବ୍ୟବହାରରୁ ଝାନ୍ତ ରହିବାକୁ କହିଥିଲେ । ଏହି ନବରଙ୍ଗପୁର ଜିଲ୍ଲା ଉ ୧,୩୦,୪୦୨ ଜଣ ଚାଷୀଙ୍କ ଖାତାକୁ ସିଏମ୍ କିଷାନ୍ ଯୋଜନା ଅନ୍ତର୍ଗତ ପ୍ରତ୍ୟେକ୍ ୨୦୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି । ସଭାରେ ବିଭିନ୍ନ ବୁଲୁଗୁ ଆସିଥିବା ୧୦୦ ରୁ ଊର୍ଦ୍ଧ୍ୱ ଚାଷୀ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିଥିଲେ ।

ଅକ୍ଷିମୁଠି ଅନୁକୂଳ ସହ ଚାଷ କାର୍ଯ୍ୟର ଶୁଭାରମ୍ଭ କଲେ ଜିଲ୍ଲାପାଳ

ଯାଜପୁର, ୨୦/୦୪(ଆ.ପ୍ର) : ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଜିଲ୍ଲା କୃଷି ବିଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ କୃଷକ ଦିବସ ୨୦୨୬ ଆୟୋଜିତ ହୋଇଛି । ନବବର୍ଷର ପ୍ରଥମ କୃଷି ପର୍ବ ଅକ୍ଷୟ ତୃତୀୟାରୁ ରାଜ୍ୟ ସରକାର ୧୯୯୮ ମସିହାଠାରୁ କୃଷକ ଦିବସ ରୂପେ ପାଳନ କରି ଆସୁଛନ୍ତି । ଯାଜପୁର ବ୍ଲକର ମହେଶ୍ୱରପୁର ଗ୍ରାମ ପଂଚାୟତ ଅନ୍ତର୍ଗତ ଜୟପୁର ଗ୍ରାମରେ କୃଷକ ଦିବସ ଏବଂ ଅକ୍ଷିମୁଠି କାର୍ଯ୍ୟକ୍ରମ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଅମଳ କୁମାର କର ଯୋଗ ଦେଇ ଭୂମି ପୂଜନ କରିଥିଲେ । ଏହାପରେ ଜିଲ୍ଲାପାଳ ଶ୍ରୀ କର ଚାଷ ଜମିରେ ଅକ୍ଷିମୁଠି ବିହନ ବୁଣିଥିଲେ । ଏହାସହ ପାରମ୍ପରିକ ପଦ୍ଧତିରେ ବଳଦ ଲଙ୍ଗଳ ସାହାଯ୍ୟରେ ହଳ କରାଯାଇଥିଲା । ସଭାରେ ଯୋଗ ଦେଇ ଜିଲ୍ଲାପାଳ କହିଥିଲେ ଯେ ଚାଷୀ ଓ ଚାଷ ହିଁ ଆମ ସମାଜର ମୂଳଦୁଆ ଏବଂ ଆଜି ତାହାର ଶୁଭାରମ୍ଭ ହୋଇଛି । ଜଳବାୟୁ ପରିବର୍ତ୍ତନ ସହ ଚାଷ ପ୍ରଣାଳୀରେ ମଧ୍ୟ ପରିବର୍ତ୍ତନ ପରିଲକ୍ଷିତ ହେଉଛି । ତଥାପି ଅକ୍ଷୟ ତୃତୀୟାରେ ମାଟି ଆମର ପୂଜାର୍ଚ୍ଚନା କରି ଅକ୍ଷିମୁଠି ଅନୁକୂଳ କରି ଚାଷ କାମ ଆରମ୍ଭ ହୁଏ । ଏହା ଓଡ଼ିଆ ଜାତିର ଏକ ପ୍ରଧାନ ପର୍ବ ଏବଂ ପରମ୍ପରା ବୋଲି ଜିଲ୍ଲାପାଳ କହିଥିଲେ । କୃଷକ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭାସୀ ମାଧ୍ୟମରେ ରାଜ୍ୟର କୃଷକ ହିତାଧିକାରୀମାନଙ୍କୁ ସିଏମ୍ କିଷାନ୍ ଯୋଜନା ଅନ୍ତର୍ଗତ ଖରିଫ ୨୦୨୬ ନିମନ୍ତେ ଆର୍ଥିକ ସହାୟତା ରାଶି ବଂଟନ କରିଥିଲେ । ସେହିକ୍ରମରେ ଆଜି ଯାଜପୁର ଜିଲ୍ଲାର ୧,୯୯,୨୧୪ ଜଣ ଚାଷୀ ସିଏମ କିଷାନ୍ ଯୋଜନାରେ ସହାୟତା ରାଶି ପାଇଛନ୍ତି । କୃଷକ ଦିବସ ସମାରୋହରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକ, କୃଷି ଜିଲ୍ଲା ଅଧିକାରୀ ଭବାନୀ ଶଙ୍କର ମିଶ୍ର, ଜିଲ୍ଲା ମତ୍ସ୍ୟଶମ୍ପଦ ଅଧିକାରୀ ରଞ୍ଜିତା ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ ରାଧେଶ୍ୟାମ ବେହେରା, ଏଡିଏସସି ରତୁପର୍ଣ୍ଣା ଜେନା ଏବଂ ମହେଶ୍ୱରପୁର ସରପଂଚ ଯୋଗ ଦେଇଥିଲେ । ଏହି ଅବସରରେ ଜିଲ୍ଲାପାଳ ଏବଂ ଅତିଥିମାନେ କୃଷିଗୋଯଶ କରିବା ସହ ପତାକା ଦେଖାଇ କୃଷି ସଚେତନତା ରଥର ଉଦଘାଟନ କରିଥିଲେ । କୃଷି ଜିଲ୍ଲା ଅଧିକାରୀ ପୀୟୁଷ ପଲୁବ ପରିବ୍ୟ ମଂଚ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ସହକାରୀ କୃଷି ଅଧିକାରୀ, ବ୍ଲକ୍ କୃଷି ଅଧିକାରୀ, ସହକାରୀ ନିର୍ଦ୍ଦେଶକ, କର୍ମଚାରୀ ଏବଂ ୧୦୦ରୁ ଊର୍ଦ୍ଧ୍ୱ ଚାଷୀ ଭାଇଭଉଣୀମାନେ ଉପସ୍ଥିତ ଥିଲେ ।

ଅକ୍ଷୟ ତୃତୀୟା ବର୍ଷକର ସବୁଠାରୁ ପବିତ୍ର ଦିନ : ମନ୍ତ୍ରୀ ହରିଚନ୍ଦନ

ଚିଲିକା/ବାଣପୁର, ୨୦/୦୪(ଆ.ପ୍ର) : ଅକ୍ଷୟ ତୃତୀୟା ବର୍ଷକର ୩୬୫ ଦିନର ସବୁଠାରୁ ପବିତ୍ର ଓ କିମ୍ବଦନ୍ତୀ ଦିନ । ଆଜି ଦିନରେ ମହାପ୍ରଭୁଙ୍କର ରଥକାଠ ଅନୁକୂଳ ହୁଏ । ସେହିପରି ଆଜିର ଦିନରେ ତ୍

ଦୈନିକ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୨୧ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ବାଲୁଗାଁ ସିଏଚସିର ନୂତନ ନିଜସ୍ୱ ଗୃହର ଭିତିପ୍ରସ୍ତର ସ୍ଥାପନ

ଚିଲିକା/ବାଣପୁର, ୨୦/୦୪(ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ସିଏଚସିର ନିଜସ୍ୱ ଗୃହ ନିର୍ମାଣ ନିମନ୍ତେ ଆଜନ ପୂର୍ତ୍ତ ଅଦକାରୀ ମନ୍ତ୍ରୀ ତଥା ଚିଲିକା ବିଧାୟକ ପୃଥ୍ୱୀରାଜ ହରିଚନ୍ଦନ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ବାଲୁଗାଁ ସିଏଚସି ମୁଖ୍ୟ ଡାକ୍ତର ସଂଗ୍ରାମ ସାହୁ, ପୂର୍ତ୍ତ ବିଭାଗର ଏସଇ ପ୍ରମୁଖ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ମାନ୍ୟବର ମନ୍ତ୍ରୀଙ୍କୁ ଭିତିପ୍ରସ୍ତର ସ୍ଥଳକୁ ସ୍ୱାଗତ ଜଣାଇଛନ୍ତି । ମାନ୍ୟବର ମନ୍ତ୍ରୀଙ୍କ ସହ ବାଲୁଗାଁ ମଣ୍ଡଳ ବିଜେପି ସଭାପତି ସନ୍ତୋଷ କୁମାର ପାଲକଲାୟ, ବାଲୁଗାଁ ଏନ ଏସି ଉପାଧ୍ୟକ୍ଷ ଭାସ୍ତବାନ ପ୍ରଧାନ, ଲାଭନସିଲର ଅଭିମନୁ ସ୍ୱାଇଁଙ୍କ ସମେତ ଅନ୍ୟ ଲାଭନସିଲର, ସ୍ଥାନୀୟ ନେତୃବୃନ୍ଦ ଓ ବହୁ ବୁଦ୍ଧିଜୀବୀଙ୍କ ସହଯୋଗରେ ଏ ପ୍ରକାର ସୁନ୍ଦର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ରାଜ୍ୟରେ ମନ୍ତ୍ରୀ ହରିଚନ୍ଦନ ନଡ଼ିଆ ଗଛରେ ଭିତିପ୍ରସ୍ତର କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ । ଏହାସହିତ ବାଲୁଗାଁ ଏନଏସି ବିଲ୍ଡିଂ ଖୋର୍ଦ୍ଧରେ ମୁଖ୍ୟମନ୍ତ୍ରୀ ସହର ବିକାଶ ଯୋଜନାରେ ଚିଲିକା ଜେଟିର ସୌନ୍ଦର୍ଯ୍ୟ କରଣ ସହ ୧୦ଗୋଟି କାର୍ଯ୍ୟର ଶାଳାନ୍ୟାସ କରିଥିଲେ । ଏଥି ସହିତ ଆଠ ଜଣଙ୍କୁ ଉଚା, ୧୫୦ ଖାଉଟି କାର୍ଡ, ୨୮ ଜଣଙ୍କୁ ଆଦାଖା ବଣ୍ଟନ କରିଥିଲେ । ସମସ୍ତ ଲାଭନସିଲରଙ୍କ ସମେତ ପୂର୍ବତନ ନଗର ପାଳ ମହେଶ୍ୱର ପଲାଲ, ସମାଜ ସେବକ ପ୍ରକାଶ ଚନ୍ଦ୍ର ପାତ୍ରୀ, ଏନଏସିର ଓ ପ୍ରଶାନଥ ସେଠ, ବାଲୁଗାଁ ମହାବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ସମସ୍ତ କାର୍ଯ୍ୟକ୍ରମର ସଫଳତା ପାଇଁ ବାଲୁଗାଁ ମଣ୍ଡଳ ବିଜେପି ସଭାପତି ସନ୍ତୋଷ କୁମାର ପାଲକଲାୟ ଉପସ୍ଥିତ ଥିବା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

ପାପଡ଼ାହାଣ୍ଡି ଠାରେ ଜିଲାପାଲ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ପାପଡ଼ାହାଣ୍ଡି, ୨୦/୦୪(ଆ.ପ୍ର) : ପାପଡ଼ାହାଣ୍ଡି ପଂଚାୟତ ସମିତି ସଞ୍ଜିନୀ ଗୃହରେ ଜିଲ୍ଲାପାଳ ବୃ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଜକର ସହାପ ସମ୍ପଦଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିଜଂଟି ନାରାୟଣ ବରଡ଼ାଣ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ଜନ ଶୁଣାଣି ଶିବିରରେ ମୋଟ ୩୨ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ୨୩ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୦୯ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ବଳିତ ଥିଲା । ୩ ଟି ଅଭିଯୋଗର ସମାଧାନ ତତକ୍ଷଣାତ କରାଯାଇଥିଲା । ଜିଲ୍ଲା ସମାଜ ସୁରକ୍ଷା ବିଭାଗ ପକ୍ଷରୁ ବିଚ୍ଛିନ୍ନ ଦିବ୍ୟାଙ୍ଗଙ୍କୁ ୩ଟି ହୁଇଲ ଚେୟାର ଓ ୧୨ ଜଣଙ୍କୁ ମଧୁବାବୁ ପେନସନ ଯୋଜନା ଅନ୍ତର୍ଗତ ସହାୟତା ଭାର୍ଡ ପ୍ରଦାନ କରାଯାଇଥିଲା ।

ବୋଡ଼େନ ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ବୋଡ଼େନ, ୨୦/୦୪(ଆ.ପ୍ର) : ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ପାଳ ମଧୁସୂଦନ ଦାଶଙ୍କ ସହ ବନଖଣ୍ଡ ଅଧିକାରୀ (ପ୍ରାଣ୍ତୀୟ) ଅଜିତ ଖାନ, ବନଖଣ୍ଡ ଅଧିକାରୀ (ଜେଏପଡ଼) ଙ୍କେ ମାଧବୀଲତା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲୟୋଦର ଧଲୁଆ, ଉପ ଜିଲ୍ଲାପାଳ ସୁମି ସୋରେନ୍, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଆଜିର ଶିବିରରେ ୧୭ଗୋଟି ବ୍ୟକ୍ତିଗତ ଓ ୮ଟି ଗୋଷ୍ଠିଗତ ଏଲଜି ମୋଟ ୨୫ ଗୋଟି ଅଭିଯୋଗର ଶୁଣାଣି ଜିଲ୍ଲାପାଳ କରିଥିଲେ । ଏହି ସବୁ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସଂପୃକ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ । ସେହିପରି, ଜଣେ ଅସହାୟ ମହିଳାଙ୍କୁ ଚେତନୁସ ପାଣ୍ଠିରୁ ୧୦ ହଜାର ଟଙ୍କା ତତ୍କାଳୀନ ସହାୟତା ପ୍ରଦାନ କରିଥିଲେ । ଚେତୁଟୀ ଲଲେଜ୍ଜର ଚିତ୍ରୟ ସାଗର ଶିବିର ପରିଚାଳନାରେ ସହଯୋଗ କରିଥିଲେ । ସଭାରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଜିନ୍ ବିଭାଗର ଯନ୍ତ୍ରୀ,ଲାଭନ୍ ବିଭାଗ ଅଧିକାରୀ ଓ ବ୍ଲକ ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ ଓ ବିଭିନ୍ନ ଗଣ ମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅଭିଯୋଗ ଶୁଣାଣୀ ଶିବିର ଉପଲକ୍ଷେ ବ୍ଲକ ପରିସରରେ ଗୋଟିଏ ବର୍ଚ୍ଚିଷ୍ଠ ନାଗରିକଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ତଥା ଆୟୁଷ୍ମାନ ଆରୋଗ୍ୟ ଶିବିର ଆୟୋଜନ କରା ଯାଇଥିଲା । ଏହି ଅବସରରେ ସୁଜାପୁର ଗ୍ରାମରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର, ଝିଅ ପାଇଁ ଗଛ ଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନ ଟିଏ, ପ୍ରାଣୀ ପାଇଁ ଦିନଟିଏ ଓ ସ୍ୱାସ୍ଥିକ ମୁକ୍ତ ଅଭିଯାନ ଉପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗୃହପାଳିତ ପଶୁ ପକ୍ଷୀ ମାନଙ୍କ ପାଇଁ ପ୍ରାଣୀ ସମ୍ପଦ ବିଭାଗ ତରଫରୁ ପ୍ରାଣୀ ପାଇଁ ଦିନଟିଏ ନାମରେ ଗୋଟିଏ ଚିକିତ୍ସା ଶିବିର ମଧ୍ୟ ଆୟୋଜିତ ।

ବିକସିତ ଗାଁ ବିକସିତ ଓଡ଼ିଶା ତାଲିକାରେ ଅନିୟମିତତା ଅଭିଯୋଗ

ବାସୁଦେବପୁର, ୨୦/୦୪(ଆ.ପ୍ର) : ଲଡ଼କ ଜିଲ୍ଲା ବାସୁଦେବପୁର ବ୍ଲକରେ ବିକସିତ ଗାଁ ବିକସିତ ଓଡ଼ିଶା ପ୍ରକଳ୍ପ ତାଲିକା ପ୍ରସ୍ତୁତିରେ ଅନିୟମିତତା ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଇଛି । ବାସୁଦେବ ପୁର ବ୍ଲକର ବିଜିନ୍ ଗ୍ରାମ ପଂଚାୟତର ସରପଂଚମାନେ ଏକତ୍ରିତ ହୋଇ ଏହି ଅଭିଯୋଗ ଆଣିଛନ୍ତି । ବାସୁଦେବପୁର ବ୍ଲକ ପରିସରରେ ଆୟୋଜିତ ମିଳିତ ଅଭିଯୋଗ ଶୁଣାଣିରେ ସରପଂଚମାନେ ସରକାରୀ କର୍ମଚାରୀଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଥିଲେ । ସରକାରଙ୍କ ଗାଇଡ଼ଲାଇନ୍ ଅନୁଯାୟୀ ସାଧାରଣତନ୍ତ୍ର ଦିବସ ଅବସରରେ ଗ୍ରାମସଭା ଆୟୋଜନ କରି ଲୋକମାନଙ୍କ ଆବଶ୍ୟକତା ଆଧାରରେ ପ୍ରକଳ୍ପ ତାଲିକା ପ୍ରସ୍ତୁତ କରାଯାଇଥିଲା । ପରେ ସେହି ପ୍ରସ୍ତାବସୁଚିକୁ ଦିବିଡ଼ିଙ୍କୁ ଦିଆଯାଇଥିଲେ ମଧ୍ୟ ସେଗୁଡ଼ିକ କାର୍ଯ୍ୟକାରୀ ହୋଇନଥିବା ଅଭିଯୋଗ ହେଉଛି।ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବାବେଳେ, ସରପଂଚମାନେ ଏହାର ସମାଧାନ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି ଉଠାଇଛନ୍ତି । ଆଗାମୀ ସାତ ଦିନ ମଧ୍ୟରେ ସମାଧାନ ନ ହେଲେ ସମସ୍ତ ସରପଂଚ ରାଜଭାଷାଙ୍କୁ ଝୁଲାଇବେ ବୋଲି ସଚେତନ କରିଛନ୍ତି । ଏହି ଅଭିଯୋଗ କାର୍ଯ୍ୟଷମ ଭାବେ ସମାଧାନ ହେବ କି ନାହିଁ, ତାହା ଉପରେ ସମସ୍ତଙ୍କ ନଜର ରହିଛି । ସରପଂଚଙ୍କ ସଭାପତି ଶ୍ରୀଯୁକ୍ତ ଆଦିତ୍ୟ ଗିରି, ଚିନ୍ତାମଣି ନାୟକ, ଚନ୍ଦ୍ରକାନ୍ତ ମଳିକ, ସୁବାଶ ଚନ୍ଦ୍ର ସନ୍ଧିଦିଗ୍ଧ, ରାଜକିଶୋର ସାହୁ, ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ମମତା ସେଠୀ, ନିରୁପମା ନାୟକ, ଲଳିତା ମଳିକ, ଜମାକାନ୍ତ ମଳିକ, କମଳିନୀ ମଳିକ, ଅରଣି ଚରଣ ଜେନା, ଆରତୀବାଳା ଦାସ, ଜାନକୀ ବାରିକ୍, ରାଜେନ୍ଦ୍ର ନାୟକ, ସନ୍ଧ୍ୟା ରାଣୀ ବାରିକ, ସମ୍ପୂର୍ଣ୍ଣା ନାୟକ, ମାରକଣ୍ଡ ଚରଣ ଚରାଇ, ମଧୁସୂଦନ ମଳିକ, ରାଧାରାଣୀ ଜେନା, ବାସୁଦେବଜାଣି, ଜୟନ୍ତୀ ଚେଚ, ବଳରାମ ଗିରି, ଜୟଶ୍ରୀ ପଲାଛ, ଶୁଭଶ୍ରୀ ତ୍ରିପାଠୀ, ସାଦିତ୍ରୀ ବଳ, ରୁଚିସ୍ମିତା କାରିକ, ନମିତା ଦାସ, ସଂପୁରୁ ଦାସ, ମାନିନୀ ଜେନା, କାମଦେବ ମଳିକଙ୍କ ସମେତ ବିଜିନ୍ ଗ୍ରାମ ପଂଚାୟତରୁ ସରପଂଚ ଓ ଜିଲ୍ଲାପରିଷଦ ମାନେ ଉପସ୍ଥିତ ଥିଲେ ।

ଦଣ୍ଡ ପରିବାର ପକ୍ଷରୁ ବନ୍ଧୁ ମିଳନ ଓ ସମ୍ବର୍ଦ୍ଧନା ପର୍ବ

ଦଣ୍ଡପଲ୍ଲୀ, ୨୦/୦୪(ଆ.ପ୍ର) : ନୟାଗଡ଼ ଜିଲ୍ଲା ଦଣ୍ଡପଲ୍ଲୀ ବ୍ଲକ ଅନ୍ତର୍ଗତ ମଧ୍ୟଖଣ୍ଡ ପଂଚାୟତ ଦଣ୍ଡ ପରିବାର ପକ୍ଷରୁ ୨୦୨୬ବର୍ଷର ଏକ ବନ୍ଧୁ ମିଳନ ଓ ସମ୍ବର୍ଦ୍ଧନା ଉତ୍ସବ ଭାବରେ ପାଳିତ ହୋଇଯାଇଛି । ଆଠଟି ଗାଁ ଦଣ୍ଡର ପାଟଗୋଡାଗଡ଼ ସମେତ ଅନ୍ୟ ସଦସ୍ୟଙ୍କୁ ମଧ୍ୟଖଣ୍ଡ ଦଣ୍ଡ ପରିବାର ପକ୍ଷରୁ ଏ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କରାଯାଇଛି । ସାହା ସଂଗରେ ଦଣ୍ଡ ପରିବାର ମଧ୍ୟରେ ସମନ୍ୱୟ ତଥା ଲାଭଚାରା ବଜାୟ ରହିପାରିବ ବୋଲି ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ । ତେବେ ଏଥିରେ ବୋଲମଗଡ଼ା,ଜଗନ୍ନାଥ ପ୍ରସାଦ, କୃଷ୍ଣପ୍ରସାଦ, କାଦବ, ଗୋଳାହାଣ୍ଡି, ଗୋବିନ୍ଦ ପୁର,ବୁଆର ଗାଁ,ମଧ୍ୟଖଣ୍ଡ ଆଦି ଗ୍ରାମର ପାଟଗୋଳଗଡ଼ର ଉପସ୍ଥିତି ଏକ ନିଆର ବନ୍ଧୁ ମିଳନ ର ମାହୋଲ ସୃଷ୍ଟି କରିଥିଲା । ମଧ୍ୟଖଣ୍ଡ ଦଣ୍ଡପରିବାର ର ପକ୍ଷରୁ ବନ୍ଧୁ ମିଳନ ଭାଗିଁ ଓ ଜମ୍ବଙ୍କୁ ସମୃଦ୍ଧିତ କରିବା ଏକ ନିଆଖା ପରମ୍ପରା ସୃଷ୍ଟି କରିଥିଲା । ତେବେ ମଧ୍ୟଖଣ୍ଡ ଗ୍ରାମର ପାଟଗୋଳଡ଼ା ଦଣ୍ଡର କୁମାର ପ୍ରଧାନ, ଦଣ୍ଡ ନାଟ ପରିଚାଳକ ମୃତ୍ୟୁଞ୍ଜୟ ପ୍ରଧାନ ଓ ଅନ୍ୟ ସମସ୍ତ ବନ୍ଧୁଆ ତଥା ଜନାଜାତିଙ୍କ ସହଯୋଗ ରେ ଏ ପ୍ରକାର ସୁନ୍ଦର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ପାଂଚଭାୟା ପୀଠରେ ହୋମ ଯଂଜ୍ଞ ଅନୁଷ୍ଠିତ

ଦଣ୍ଡପଲ୍ଲୀ, ୨୦/୦୪(ଆ.ପ୍ର) : ନୟାଗଡ଼ ଜିଲ୍ଲା ଦଣ୍ଡପଲ୍ଲୀ ବ୍ଲକ ଅନ୍ତର୍ଗତ ମଧ୍ୟଖଣ୍ଡ ଗ୍ରାମ ନିକଟରେ ଅବସ୍ଥିତ ପାଂଚ ଭାୟା ପୀଠ । ଏହି ପୀଠରେ ପ୍ରତିବର୍ଷ ଅକ୍ଷୟ ତୃତୀୟା ଦିନ ବ୍ରାହ୍ମଣ ମାନଙ୍କ ମନ୍ତ୍ର ଧ୍ୱନୀ, ନଦିଆ କୀର୍ତ୍ତନ କରାଯାଇଥାଏ । ହୋମ ଯଂଜ୍ଞ ସହ ପ୍ରସାଦ ସେବନର ମଧ୍ୟ ବ୍ୟବସ୍ଥା ହୋଇଥାଏ । ପୁରାଣ କଥା ଅନୁସାରେ ଯେତେବେଳେ ଫଂଟୁପାଣ୍ଡବ ବନବାସରେ ଯିବାସମୟରେ ଏକ ଗଛ ମୂଳରେ ଆଶ୍ରୟ ନେଇଥିଲେ । ଯେଉଁ ଗଛଟିର ପାଂଚଟି ଶାଖା ଅଦ୍ୟାବଧି ଦେଖାଯାଏ । ଅନ୍ୟ ଏକ କଥାନୁସାରେ ଏହି ଅକ୍ଷୟ ତୃତୀୟା ଦିନ ପୁଜାର୍ଚ୍ଚନା ଜଳେ ଭଲ ବର୍ଷା ହୁଏ ଏବଂ ଏଠାରେ ପ୍ରାର୍ଥନା କଲେ ଜଙ୍ଗଲ ମଧ୍ୟରେ ସମସ୍ତ ଗଧା ଚିପରି ଚଳି ଯାଏ ବୋଲି ସ୍ଥାନୀୟ ଜନସାଧାରଣଙ୍କ ବିଶ୍ୱାସ ରହିଛି । ତେବେ ଏ ପୀଠ ପ୍ରତି ପ୍ରଶାସନ ପକ୍ଷରୁ ସହଯୋଗ କରାଗଲେ ଏ ପୀଠକୁ ଭକ୍ତ ମାନଙ୍କ ତଥା ପର୍ଯ୍ୟଟକଙ୍କ ଗହଳି ଅଧିକ ହୋଇପାରନ୍ତା ବୋଲି ସାଧାରଣ ରେ ଆଲୋଚନା ହେଉଅଛି ।

ଜଗନ୍ନାଥ ଦାସଙ୍କ ୨୪ତମ ଶ୍ରାଦ୍ଧବାର୍ଷିକୀ ପାଳିତ

ବ୍ରହ୍ମପୁର, ୨୦/୦୪(ଆ.ପ୍ର) : ସ୍ଥାନୀୟ ନୂଆ ବାଜାର ସାହି ସ୍ଥିତ ଦଶଭାଜନରେ ଶୁଭକାର୍ଯ୍ୟ ଚରିଷ୍ଠ ସମ୍ପାଦିତ ତଥା ପ୍ରଥାନ ସଂସ୍ଥାମୀ ସ୍ୱର୍ଗତ ଜଗନ୍ନାଥ ଦାସଙ୍କ ୨୪ ତମ ଶ୍ରାଦ୍ଧବାର୍ଷିକୀ ଏବଂ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ସ୍ୱର୍ଗତ ଶ୍ରୀ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ମୃତି ଚାରଣ କରାଯାଇଥିଲା । ଫାର୍ମାସୀ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡିଶାରେ ପ୍ରଥମ ଏମ ଏଲ ସ୍ପର୍ଟ ଜାତୀୟ ପୁରସ୍କାର ପାଇଥିବା ବେଳେ ତାଙ୍କ ଜନ୍ୟମରେ ବ୍ରହ୍ମପୁର ଉପଜଣ୍ଡ ମଛୁଡ଼ାଠାରେ ଓଡିଶାରେ ପ୍ରଥମ ଫର୍ମାସୀ କଲେଜ ପ୍ରତିଷ୍ଠା ହୋଇପାରିଥିଲା । ସ୍ୱର୍ଗତ ଦାସ ଏକାଧାରରେ ଜଣେ ସ୍ୱାଧୀନ ସଂଗ୍ରାମୀ, ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଥିଲେ । ଓଡିଶା ଫାର୍ମାସୀ କ୍ଷେତ୍ରରେ ତାଙ୍କର ବିଶେଷ ଅବଦାନ ପାଇଁ ୨୦୦୧ ମସିହାରେ ତତକାଳୀନ ରାଜ୍ୟପାଳ ସ୍ୱର୍ଗତ ଏମ ଏମ ଗାଳେହନ୍ନ ସ୍ୱର୍ଗତ ଦାସଙ୍କୁ Life time achievement award ରେ ସମ୍ମାନିତ କରିଥିଲେ ବୋଲି ତାଙ୍କ ପୁତ୍ର ସାମାଦିକ ପ୍ରଶାନ୍ତ କୁମାର ଦାସ ପ୍ରକାଶ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ପରିବାର ସଦସ୍ୟ ସମେତ ବହୁ ବୁଦ୍ଧିଜୀବି ଉପସ୍ଥିତ ରହି ସ୍ୱର୍ଗତ ଦାସଙ୍କ ସ୍ମୃତିଚାରଣ କରିଥିଲେ ।

ଖରା ଦିନେ ପାଣି ସଙ୍କଟ, ସିନାପାଲିରେ ଫାଟିଥିବା ପାଇପ ପ୍ରତି ପ୍ରଶାସନର ଅଣଦେଖା

ସିନାପାଲି, ୨୦/୦୪(ଆ.ପ୍ର) : ଖରା ଦିନେ ସିନାପାଲି ବ୍ଲକ ଅଂଚଳରେ ପାଣି ସମସ୍ୟା ଦିନକୁ ଦିନ ଗୁରୁତର ରୂପ ନେଉଛି । ଲୋକେ ପାଣି ପାଇଁ ହେଉଛନ୍ତି ହନ୍ତସନ୍ତ, କିନ୍ତୁ ଏହି ସମୟରେ ସିନାପାଲି ପଂଚାୟତ ଅଧୀନ ଶ୍ରୀରାମ ଛକରେ ଦୀର୍ଘଦିନ ଧରି ପାଣି ପାଇପ ଫାଟି ଯାଇଥିବା ସତ୍ତ୍ୱେ ପ୍ରଶାସନ ଏପର୍ଯ୍ୟନ୍ତ ଏହାକୁ ମରାମତି କରିବାରେ ଗୁରୁତ୍ୱ ଦେଉନାହାନ୍ତି । ସିନାପାଲି ଗ୍ରାମର ମୁଖ୍ୟ ରାସ୍ତାରେ ଅବସ୍ଥିତ ଏହି ଶ୍ରୀରାମ ଛକ ଦିନସାରା ଲୋକମାନଙ୍କ ଯାତାୟାତ ହେଉଥିବା ସ୍ଥାନ ହେଉଥିଲେ ମଧ୍ୟ ପାଇପ ଫାଟି ପାଣି ଅପଚୟ ହେଉଥିବା ଦୃଶ୍ୟ ସାଧାରଣ ହୋଇପଡ଼ିଛି । ଏହା ଫଳରେ ଏକ ପକ୍ଷରେ ଲୋକେ ପାଣି ପାଇଁ ଲାଳାୟିତ ହେଉଥିବା ବେଳେ ଅନ୍ୟ ପକ୍ଷରେ ପାଣି ନଷ୍ଟ ହେଉଥିବା ଦେଖାଯାଉଛି । ସ୍ଥାନୀୟ ଲୋକମାନେ ପ୍ରଶାସନଙ୍କୁ ଏହାପ୍ରତି ତୁରନ୍ତ ଦୃଷ୍ଟି ଦେଇ ପାଇପ ମରାମତି କରିବାକୁ ଦାବି କରିଛନ୍ତି । ପ୍ରଶାସନର ଏପରି ଉଦାସୀନତା ପ୍ରତି ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

ଜିଲ୍ଲାସ୍ତରୀୟ କବି ଜୟଦେବଙ୍କ ଜୟନ୍ତୀ ୨୦୨୬ ପାଳିତ

ଜଗତସିଂହପୁର, ୨୦/୦୪(ଆ.ପ୍ର) : ଆଜି ପୂର୍ବାହ୍ନରେ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଜିଲ୍ଲାସ୍ତରୀୟ କବି ଜୟଦେବଙ୍କ ଜୟନ୍ତୀ ସମାରୋହ ଉତ୍ସବ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଂସ୍କୃତି ପରିଷଦ ଏବଂ ଜିଲ୍ଲା ପ୍ରଶାସନ ସମନ୍ୱୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କବି ଜୟଦେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା । ସଭାରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଜ୍ୟୋତି ଶଙ୍କର ରାୟ କହିଥିଲେ ଯେ ଜୟଦେବଙ୍କ ଐତିହ୍ୟ ଗୀତ ଗୋବିନ୍ଦ ରଚନା ସାରା ବିଶ୍ୱରେ ପ୍ରସିଦ୍ଧ ଓ ଏହା ଜଗନ୍ନାଥ ସଂସ୍କୃତିର ମୁଖ୍ୟ ସ୍ତମ୍ଭ । ଓଡ଼ିଶା ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନାର ଅବିଚ୍ଛେଦ୍ୟ ଅଙ୍ଗ ହେଉଛନ୍ତି ଜୟଦେବ । ଏହି ସଭାରେ ବିଶିଷ୍ଟ ଶିକ୍ଷାବିତ୍ ମହେନ୍ଦ୍ର କୁମାର ଆଚାର୍ଯ୍ୟ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଜୟଦେବଙ୍କ କବିତ୍ୱର ଇତିହାସ ବିଷୟରେ ବ୍ୟାଖ୍ୟାୟନ ଏବଂ ଗୀତଗୋବିନ୍ଦ ମହତ୍ୱ ବିଷୟରେ ଆଲୋକପାତ କରିବା ସହ ଆଗାମୀ ପିଢ଼ିକୁ ଗୀତଗୋବିନ୍ଦ ବିଷୟରେ ଜ୍ଞାନ ଆହରଣ କରିବାକୁ ଆହ୍ୱାନ କରିଥିଲେ । କବି ଜୟଦେବଙ୍କ ଜନ୍ମସ୍ଥାନ ଦାଶର ଜାଗରୋଗିନ୍ଦ ଗାନ ସହ ସଙ୍କୀର୍ତ୍ତନ ମଣ୍ଡଳୀର ମୃଦଙ୍ଗର ତାଳ ସୁମଧୁର ପରିବେଶ ସୃଷ୍ଟି କରିଥିଲା । ସମ୍ମାନନୀୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସମିତ କୁମାର ରାଉତ, ଜିଲ୍ଲା ପରିଷଦ ବିକାଶ ଅଧିକାରୀ, ମାଗାବାଲା ବେଦେରା ମଂଚାସୀନ ଥିଲେ ଏବଂ ସଭାରେ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଏବଂ ଆମନ୍ତ୍ରିତ ଅତିଥି ମାନେ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରତୀଚୀ ତନୁଜା ମହାନ୍ତି ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ, ରାଜେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଟ୍ରାକ୍ଟର ସହ ବାଇକ୍‌ର ମୁହାମୁହିଁ ଧକ୍କା, ଜଣେ ମୃତ : ଦୁଇ ଗୁରୁତର

ଦାଲିଗୁଡ଼ା, ୨୦/୦୪(ଆ.ପ୍ର) : କନ୍ଧମାଳ ଜିଲ୍ଲା ଦାଲିଗୁ

ଦୈନିକ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୨୧ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ଚିଲିକାରେ ଦ୍ୱିତୀୟ ବାଲିଯାତ୍ରା ଆରମ୍ଭ ହୋଇଯାଇଛି

ଚିଲିକା/କୃଷ୍ଣପ୍ରସାଦ, ୨୦/୦୪(ଆ.ପ୍ର) : ଚିଲିକା ମଧ୍ୟରେ ଅବସ୍ଥିତ କୃଷ୍ଣପ୍ରସାଦ ବ୍ଲକର ଦେଉଳପଡା ଠାରେ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି ୩୫ ମୌଜା ପରିଚାଳନା କମିଟିର ପଣାଯାତ୍ରା (ଦ୍ୱିତୀୟ ବାଲିଯାତ୍ରା) । ଏହି ଯାତ୍ରା ପଡ଼ିଆରେ ଚିଲିକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଅଂଚଳର ସମରଜଳା ପାଇକ ଆଖଡା, ଲୋକନୃତ୍ୟ ଲାରେ ଲାଜା, ସଂକୀର୍ତ୍ତନ କଳାକାର ମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା । ଜୌଳସି ପ୍ରକାର ବିଶ୍ୱଶାନ୍ତି ସମ୍ପର୍କରେ ଜାଣିବା ପାଇଁ ଯାତ୍ରା ପଡ଼ିଆର ଚିଲିକୁ ସ୍ଥାନରେ ସିସି କ୍ୟାମେରା ଲଗାଯାଇଛି । ପରିଚାଳନା କମିଟିର ଏକ କାର୍ଯ୍ୟ ନିର୍ଦ୍ଦେଶ କରାଯାଇ ଚିଲିକୁ ଦାୟିତ୍ୱ ବଂଟନ କରାଯାଇଛି । ଲାଭ ପଣା ଯାତ୍ରା ମହୋତ୍ସବକୁ ବ୍ଲକ, ଜିଲ୍ଲା, ରାଜ୍ୟ ପ୍ରଶାସନ ସହିତ ଲୋକପ୍ରତିନିଧି ମାନଙ୍କୁ ନିମନ୍ତ୍ରଣ କରାଯାଇଛି । ଶ୍ରୀ ଶ୍ରୀ କମଳେଶ୍ୱର ଦେବ ଗୋଲଡେନ କ୍ଲବର ସଦସ୍ୟ ମାନେ ପଡ଼ିଆର ସାମାଜିକ ସ୍ୱଚ୍ଛତା ଉପରେ କଡା ନଜର ରଖିଛନ୍ତି । କୃଷ୍ଣ ପ୍ରସାଦ ବିକାଶ ପରିଷଦ ଉଦଯପୁର ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦୁଇଁରେ ଟଙ୍କା ଡୋରାଣି ବିତରଣ

କରାଯାଇଛି । କୃଷ୍ଣ ପ୍ରସାଦ ବିକାଶ ପରିଷଦ ସଭାପତି ନବୀନ କୁମାର ଜେନା, ସମ୍ପାଦକ କାଳୁ ଚରଣ ପଲେଲ ଅନୁଷ୍ଠାନର ମୁଖ୍ୟ ପରାମର୍ଶ ଦାତା ସି ଏ ଦିବାକର ଚରିତ୍ରନେତ୍ର ଚରିଷ୍ଠ ସଦସ୍ୟ ସୁରେନ୍ଦ୍ର କୁମାର ସାହୁ, ବିଷ୍ଣୁ ଚରଣ ରେଢେରା, ବିଦ୍ୟାଧର ପଲେଲ, ରବୀନ୍ଦ୍ର ପଣ୍ଡା, ଅଚ୍ୟୁତ ପ୍ରଧାନ ଜେନା, ସନ୍ତୋଷ କୁମାର ପ୍ରଧାନ, ରବୀନ୍ଦ୍ର ମାଝୀ, ଅଶୋକ ବିଶ୍ୱାଳ, ନକୁଳ ସୁନ୍ଦରା, କାର୍ତ୍ତିକ ପଲେଲ, ଅମିତା ଚରେଲ, ସାଗରିକା ଜାଲି, ଭବସ୍ୱିତା ପ୍ରଧାନ ଟଙ୍କାଡୋରାଣି ବଂଟିବାରେ ସହଯୋଗ କରିଥିଲେ । ଯାତ୍ରା ପଡ଼ିଆରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ କୃଷ୍ଣପ୍ରସାଦ ଥାନା ଆଇଆଇସି ବିଚିତ୍ରାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ଚାଖାଲ ସୁରକ୍ଷା ବ୍ୟବସ୍ଥା କରାଜାଇ ହୋଇଛି । ଏହି ଉତ୍ସବକୁ ୩୫ ମୌଜା ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ନାଥ ମାଝୀ, ସମ୍ପାଦକ ଦିଲୀପ କୁମାର ଦାଶ, ବରିଷ୍ଠ ସଭ୍ୟ ତଡ଼ୁଗ ଅଭିମନ୍ୟୁ ଜେନା ଯୋଗେନ୍ଦ୍ର ନାଥ ଜେନା କାଣାନାଥ ଜେନା ମନୋଜ କୁମାର ସାହୁ ସମେତ ଅନ୍ୟାନ୍ୟ ସଦେଶ ମାନେ ଉପସ୍ଥିତ ରହି ଟଙ୍କାଡୋରାଣୀ ବଂଟନ ସାନ ପାନ କରିଥିଲେ, ବ୍ରହ୍ମଗିରି ବ୍ଲକ ସାହିନାପୁର ଗ୍ରାମର ସୁରେନ୍ଦ୍ର ମାଝୀ ଅତିଥି ରୂପେ ଯୋଗଦେଇ ସଂଗଠନର କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ । ପର୍ଯ୍ୟାୟ କ୍ରମେ ବ୍ରହ୍ମଗିରି ବିଧାୟକ ଲକ୍ଷ୍ମୀ ନାରାୟଣ ମହାପାତ୍ର ଓ ପୂର୍ବତନ ବିଧାୟକ ସଞ୍ଜୟ କୁମାର ଦାଶ ବର୍ମା, ଲଙ୍କିତେରୁ ବିଦ୍ୟାଧର ମହାପାତ୍ରଙ୍କ ସହ ବିଧାୟିକାଙ୍କ ପ୍ରତିନିଧି ଜଗମ ତରେଇ, ସାଂସଦଙ୍କ ପ୍ରତିନିଧି ହରିଚରଣ ଦାଶଙ୍କ ସମେତ ବହୁ ବରିଷ୍ଠ କର୍ମୀ ବଂଟନ ଓ ପାନ କରି ବହୁତ ଆନନ୍ଦ ଲାଭ କରିଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ବାର୍ଚ୍ଚିଙ୍ଗ୍ ଆକାଉଣ୍ଟାନ୍ଟ୍, କାନଗା ବ୍ୟାଙ୍କ ନିର୍ଦ୍ଦେଶକ, ରାଜ୍ୟ ବିଜେପି ଚରଣ ରାଜ୍ୟ କୋଷାଧକ୍ଷ, ଓ କୃଷ୍ଣପ୍ରସାଦ ବିକାଶ ପରିଷଦ ଅନୁଷ୍ଠାନର ମୁଖ୍ୟ ପରାମର୍ଶ ଦାତା ଦିବାକର ପ୍ରସାଦ ରଡିଚନ୍ଦନ ଓ ଅଂଚଳର ବହୁତ ମାନ୍ୟଗଣ୍ୟ ବ୍ୟକ୍ତି ବଂଟନ କାର୍ଯ୍ୟରେ ସହଯୋଗ କରିଥିଲେ । ଅନୁଷ୍ଠାନର ସଭାପତି ନବୀନ କୁମାର ଜେନା, ସମ୍ପାଦକ ଶଙ୍କର୍ଷଣ ପଲେଲ, ଉପସଭାପତି, ରବୀନ୍ଦ୍ର କୁମାର ଜେନା, ସାଗରିକା ଜାଲି, ସହ ସମ୍ପାଦକ ବିଦ୍ୟାଧର ପଲେଲ କୋଷାଧକ୍ଷ ରମେଶ ମିଶ୍ର ସହ ଅନ୍ୟାନ୍ୟ ସଦସ୍ୟ ବିଷ୍ଣୁପ୍ରସାଦ ରେଢେରା, ଅମିତା ଚରେଲ, ନକୁଳ ସୁନ୍ଦରା, ରବୀନ୍ଦ୍ର ପଣ୍ଡା, ଆର୍ତ୍ତତ୍ରାଣ ଜେନା, ଧୃଣୀଶ୍ୱର ତରେଲ, ସୁରେନ୍ଦ୍ର ସାହୁ, କାର୍ତ୍ତିକ ପଲେଲ ପ୍ରମୁଖ ଟଙ୍କା ଡୋରାଣୀ ବଂଟନ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ ।

ଗୋରେଖନାଥ କୃଷକ ମହାସଂଘର ୨୫ ତମ ପ୍ରତିଷ୍ଠା ଦିବସ ପବିତ୍ର ଅକ୍ଷୟ ତୃତୀୟାରେ ଅଖି ମୁଠି ଚଳନ ଓ ନାମସଂକୀର୍ତ୍ତନ

ଜଗତସିଂହପୁର, ୨୦/୦୪(ଆ.ପ୍ର) : ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଗୋରେଖନାଥ କୃଷକ ମହାସଂଘର ୨୫ ତମ ପ୍ରତିଷ୍ଠା ଦିବସ ପାଳନରେ ସଂଗଠନ ତରଫରୁ ଏକ ନିଆରା ଢଙ୍ଗରେ ସଂଗଠନର ସଦସ୍ୟ ମାନଙ୍କ ଦ୍ୱାରା ଅଖାମୁଠି ଅନୁକୂଳ କରାଯାଇଥିଲା । ଲେଢୁଆ ଗ୍ରାମରେ ଥିବା ଜରିଣ୍ଡ ବନ୍ଧ ଭୁଇଁ, କ୍ୟାମ୍ପସ ଏକ ରେ ଗଣ୍ଡୁକାଥପୁର ଓ ଜଗତସିଂହପୁର ବ୍ଲକର ଅନ୍ୟୂନ ୨୦ଟି ଗ୍ରାମରୁ ସଂଗଠନ ସହିତ ଜଡ଼ିତ ଥିବା ୨୦ ଜଣ ଚାଷୀ ପ୍ରତିନିଧି ମାନଙ୍କ ଦ୍ୱାରା ୨୦ ପ୍ରକାରର ଧାନ କିସମ ବିହନକୁ ଅଲଗା ଅଲଗା ମାଟି କୁଣ୍ଡିଆରେ ଗଛା ପରୀକ୍ଷଣ ପାଇଁ ପଳାଯାଇଥିଲା । ଏହି ଅଖାମୁଠି ଚଳନ ସଭାରେ ପୂଜ୍ୟ ଦାଦା ମଙ୍ଗଳଦାସ ମହାରାଜ ପୌରହିତ୍ୟ କରି ଥିଲେ । ସଭା ଆରମ୍ଭରେ ମହାସଂଘର ପ୍ରମୁଖ ସଦସ୍ୟ ସ୍ୱର୍ଗତ ଗୋପାଳ ଚନ୍ଦ୍ର ଚିଣ୍ଡାଳଙ୍କ ଦେହାନ୍ତ ବୃଷ୍ଟିରୁ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ୍ ନିରବପ୍ରାର୍ଥନା କରାଯାଇଥିଲା । ଏହି ସଙ୍ଗଠନ ଦୀର୍ଘ ୨୫ ବର୍ଷ ସଦଗତି ଦିବସ ପାଳନରେ ସଂଗଠନର ଏକ ନିଆରା ଢଙ୍ଗରେ ସଂଗଠନର ସଦସ୍ୟ ମାନଙ୍କ ଦ୍ୱାରା ଅଖାମୁଠି ଅନୁକୂଳ କରାଯାଇଥିଲା । ଲେଢୁଆ ଗ୍ରାମରେ ଥିବା ଜରିଣ୍ଡ ବନ୍ଧ ଭୁଇଁ, କ୍ୟାମ୍ପସ ଏକ ରେ ଗଣ୍ଡୁକାଥପୁର ଓ ଜଗତସିଂହପୁର ବ୍ଲକର ଅନ୍ୟୂନ ୨୦ଟି ଗ୍ରାମରୁ ସଂଗଠନ ସହିତ ଜଡ଼ିତ ଥିବା ୨୦ ଜଣ ଚାଷୀ ପ୍ରତିନିଧି ମାନଙ୍କ ଦ୍ୱାରା ୨୦ ପ୍ରକାରର ଧାନ କିସମ ବିହନକୁ ଅଲଗା ଅଲଗା ମାଟି କୁଣ୍ଡିଆରେ ଗଛା ପରୀକ୍ଷଣ ପାଇଁ ପଳାଯାଇଥିଲା । ଏହି ଅଖାମୁଠି ଚଳନ ସଭାରେ ପୂଜ୍ୟ ଦାଦା ମଙ୍ଗଳଦାସ ମହାରାଜ ପୌରହିତ୍ୟ କରି ଥିଲେ । ସଭା ଆରମ୍ଭରେ ମହାସଂଘର ପ୍ରମୁଖ ସଦସ୍ୟ ସ୍ୱର୍ଗତ ଗୋପାଳ ଚନ୍ଦ୍ର ଚିଣ୍ଡାଳଙ୍କ ଦେହାନ୍ତ ବୃଷ୍ଟିରୁ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ୍ ନିରବପ୍ରାର୍ଥନା କରାଯାଇଥିଲା । ଏହି ସଙ୍ଗଠନ ଦୀର୍ଘ ୨୫ ବର୍ଷ ସଦଗତି ଦିବସ ପାଳନରେ ସଂଗଠନ ତରଫରୁ

ପ୍ରକାଶନ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୨୧ ଅପ୍ରେଲ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଭାରତ ମୋତେ ନାଗରିକତା ଯାଚିଥିଲା: ରସିଦ୍

ନୂଆଦିଲ୍ଲୀ, ୨୦/୪ (ନ୍ୟୁ.ଏ) : ଆଫଗାନିସ୍ତାନର ସ୍ପିନ୍ ଅଲରାଉଣ୍ଡର ରସିଦ୍ ଖାନ କ୍ରିକେଟ୍ ଜଗତରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି । ବର୍ତ୍ତମାନ, ତାଙ୍କୁ ଖେଳର ସର୍ବୋତ୍ତମ ସ୍ପିନରମାନଙ୍କ ମଧ୍ୟରେ ଗଣନା କରାଯାଏ । ଏବେ ଏହି ଷ୍ଟାର କ୍ରିକେଟର ଏକ ଆଶ୍ଚର୍ଯ୍ୟଜନକ ଖୁଲାସା କରି କହିଛନ୍ତି ଯେ, ତାଙ୍କୁ ଟିମ୍ ଇଣ୍ଡିଆ ପାଇଁ ଖେଳିବା ଏବଂ ଭାରତୀୟ ନାଗରିକତା ହାସଲ କରିବା ପାଇଁ ପ୍ରସ୍ତାବ ମିଳିଛି । ତେବେ, ଆସନ୍ତୁ ଜାଣିବା ରସିଦ୍ ଏହି ପ୍ରସ୍ତାବକୁ କେଉଁ କ'ଣ କହିଛନ୍ତି । ରସିଦ ତାଙ୍କ ପୁସ୍ତକ, 'ରସିଦ ଖାନ: ଫ୍ରମ୍ ଷ୍ଟିଲ୍ ଟୁ ଷ୍ଟାରଡମ୍'ରେ ଏହା ପ୍ରକାଶ କରିଛନ୍ତି । ରସିଦ କହିଛନ୍ତି ଯେ ତାଙ୍କୁ କେବଳ ଭାରତରୁ ନୁହେଁ ବରଂ ଅଷ୍ଟ୍ରେଲିଆରୁ ମଧ୍ୟ ଖେଳିବା ପାଇଁ ପ୍ରସ୍ତାବ ମିଳିଥିଲା । ଆଫଗାନିସ୍ତାନ କ୍ରିକେଟରଙ୍କୁ ୨୦୨୩ ଆଇପିଏଲ ସମୟରେ ଏହି ପ୍ରସ୍ତାବ ମିଳିଥିଲା, ଯେତେବେଳେ ସେ ଭାରତୀୟ କ୍ରିକେଟ୍ ସମାଜର ଜଣେ ପ୍ରମୁଖ ବ୍ୟକ୍ତିଙ୍କୁ ଭେଟିଥିଲେ । ଟିମ୍ ଇଣ୍ଡିଆର ଜଣେ ପ୍ରମୁଖ ବ୍ୟକ୍ତିତ୍ୱଙ୍କ ସହ ତାଙ୍କର ସାକ୍ଷାତ ବିଷୟରେ, ରସିଦ ତାଙ୍କ ପୁସ୍ତକରେ ଲେଖିଛନ୍ତି: 'ମୁଁ ତାଙ୍କୁ ଭେଟିବାକୁ ଯାଇଥିଲି । ଆମେ ଏକ ଆଲୋଚନା ଆରମ୍ଭ କଲୁ, ଏବଂ ସେ କହିଲେ, 'ତୁମର ଦେଶର ପରିସ୍ଥିତି ବହୁତ ଖରାପ । ଭାରତରେ ଆସି ରୁହ । ଆମେ ତୁମକୁ ଭାରତୀୟ ଡକ୍ୟୁମେଣ୍ଟେସନ୍ ଯୋଗାଇବୁ । ଏଠାରେ ରୁହ ଏବଂ ଏଠାରେ କ୍ରିକେଟ୍ ଖେଳ ।' ତାଙ୍କ କଥାରେ ମୁଁ ଆଶ୍ଚର୍ଯ୍ୟ ହୋଇଗଲି ଏବଂ କିପରି ପ୍ରତିକ୍ରିୟା ଦେବି ଜାଣିପାରିଲି ନାହିଁ । ତଥାପି, ମୁଁ ହସି କହିଲି, 'ଆପଣଙ୍କୁ ବହୁତ ଧନ୍ୟବାଦ: ମୁଁ ମୋ ଦେଶ ଆଫଗାନିସ୍ତାନ ପାଇଁ ଖେଳୁଛି ।'' ରସିଦ ଲେଖିଛନ୍ତି, 'ମୁଁ ଭାରତ ଏବଂ ଅଷ୍ଟ୍ରେଲିଆ ଉଭୟ ଦେଶରୁ ନାଗରିକତା ଏବଂ ଖେଳିବା ସମ୍ପର୍କରେ ଏହି ପ୍ରକାରର ପ୍ରସ୍ତାବ ପାଇଛି । କିନ୍ତୁ ମୁଁ ସେମାନଙ୍କୁ କହିଥିଲି ଯେ ଯଦି ମୁଁ ମୋ ନିଜ ଦେଶ ପାଇଁ ନ ଖେଳେ, ତେବେ ମୁଁ ଅନ୍ୟ କୌଣସି ଦେଶ ପାଇଁ ଖେଳିବି ନାହିଁ ।'

ଟି-୨୦ କ୍ରିକେଟରେ ରସିଦ ଖାନଙ୍କର ଏକ ସ୍ୱତନ୍ତ୍ର ପ୍ରତିଭା ଅଛି, କାରଣ ସେ ବର୍ତ୍ତମାନ ଏହି ଫର୍ମାଟରେ ସର୍ବାଧିକ ୱିକେଟ୍ ନେଇସାରିଛନ୍ତି । ସେ ୭୦୮ ୱିକେଟ୍ ନେଇଛନ୍ତି । ଟି-୨୦ରେ ୭୦୦ ୱିକେଟ୍ ଅତିକ୍ରମ କରିବାରେ ରସିଦ ହେଉଛନ୍ତି ପ୍ରଥମ ଖେଳାଳି । ସର୍ବାଧିକ ୱିକେଟ୍ ନେବା ତାଲିକାରେ, ଦ୍ୱେଷଲଣ୍ଡିଜର ଡୱେନ୍ ବ୍ରାଭୋ ୬୩୧ ୱିକେଟ୍ ସହିତ ଦ୍ୱିତୀୟ ସ୍ଥାନରେ ଅଛନ୍ତି ।

ଆମେରିକା-ଇରାନ ଆଲୋଚନାରେ 'ଦଲାଲ' ପାକିସ୍ତାନର ଭୂମିକା ନେଇ କେନ୍ଦ୍ରକୁ ସମାଲୋଚନା କଲା କଂଗ୍ରେସ

ନୂଆଦିଲ୍ଲୀ, ୨୦/୪(ନ୍ୟୁ.ଏ): ଆମେରିକା-ଇରାନ ଆଲୋଚନାକୁ ସହଜ କରିବାରେ ପାକିସ୍ତାନର ଭୂମିକା ନେଇ କଂଗ୍ରେସ ନରେନ୍ଦ୍ର ମୋଦୀ ସରକାରଙ୍କୁ ସୋମବାର କଡ଼ା ସମାଲୋଚନା କରିଛି । ଏହାକୁ ଭାରତର ବୈଦେଶିକ ନୀତି ପାଇଁ ଏକ ବଡ଼ ଧକ୍କା ବୋଲି କହିଛି ଏବଂ କୂଟନୈତିକ ଚଳନୀତିରେ ବ୍ୟାପକ ପରିବର୍ତ୍ତନ ପାଇଁ ଅନୁରୋଧ କରିଛି । ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ, କଂଗ୍ରେସ ମହାସଚିବ (ଯୋଗାଯୋଗ) ଜୟରାମ ରମେଶ କହିଛନ୍ତି, 'ଦଲାଲ' ଦେଶ ଆଜି ଆମେରିକା-ଇରାନ ଶାନ୍ତି ଆଲୋଚନାର ଦ୍ୱିତୀୟ ପର୍ଯ୍ୟାୟ ଆୟୋଜନ କରୁଛି ବୋଲି ଜଣାପଡ଼ିଛି । ଏପ୍ରିଲ ୧୨ ତାରିଖରେ ପ୍ରଥମ ପର୍ଯ୍ୟାୟ ଆଲୋଚନା ପରେ, 'ଦଲାଲ' ଦେଶ ସାଉଦି ଆରବ ଏବଂ କତାରରୁ ଦ୍ୱିତୀୟ ଦେୟ ପରିଶୋଧ କରିବା ପାଇଁ ୬ ଦିନିୟନ ଚଳାଣ ଚାଲିଛି । ପାକିସ୍ତାନର ଅର୍ଥମନ୍ତ୍ରୀ ସ୍ପଷ୍ଟ ଭାବରେ ଗୁରୁତର ସ୍ଥିତିରେ ଅଛି ଏବଂ ଏହା ଇସ୍ଲାମାବାଦ ଦ୍ୱାରା ଦିଆଯାଇଥିବା ଅନୁଦାନ ଉପରେ ନିର୍ଭର କରୁଛି । ଓସାମା ବିନ୍ ଲାଡେନ ଏବଂ ଅନ୍ୟ ଆତଙ୍କବାଦୀମାନଙ୍କୁ ଆଶ୍ରୟ ଦେଇଥିବା, ଆଫଗାନିସ୍ତାନରେ ନିଶା ନିବାରଣ କେନ୍ଦ୍ର ଉପରେ ବୋମା ମାରି କରିଥିବା ତଥା ଏକ ବର୍ଷ ପୂର୍ବେ ପହଲଗାମ ଆତଙ୍କବାଦୀ ଆକ୍ରମଣ କରିଥିବା ପାକିସ୍ତାନ ସମ୍ପତ୍ତି ଏକ ଗୁରୁତ୍ୱପୂର୍ଣ୍ଣ କୂଟନୈତିକ ଭୂମିକା ଗ୍ରହଣ କରୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତର କୂଟନୈତିକ ପ୍ରୟାସ ପାକିସ୍ତାନକୁ ଅନ୍ତର୍ଜାତୀୟ ସ୍ତରରେ ଅଲଗା କରିବାରେ ବିଫଳ ହୋଇଛି । ୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ପରେ ପୂର୍ବ ସରକାରଙ୍କ ସମୟରେ ହୋଇଥିବା ଭାଲ ସହିତ ସେ ଏହାକୁ ତୁଳନା କରିଛନ୍ତି । ଏହା ସ୍ପଷ୍ଟ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆଂଚଳିକ ଏବଂ ବିଶ୍ୱସ୍ତରୀୟ ସମ୍ପର୍କ ତଥାଶିଥିଳା ପାକିସ୍ତାନକୁ ଏକଘରିଆ କରିବାରେ ବିଫଳ ହୋଇଛି । ଏବେ ତାକୁ ଏକ ସମ୍ପূର୍ଣ୍ଣ ନୂତନ ଚ୍ୟାଲେଞ୍ଜ ମିଳିଛି । ମଇଲରେ ୨୦୦୮ରେ ମୁମ୍ବାଇରେ ଆତଙ୍କବାଦୀ ଆକ୍ରମଣ ପରେ ମନମୋହନ ସିଂହ ଯାହା କରିପାରିଥିଲେ ତାହାପରୁ ଏବେ ଭାରତ ପଛୁଆ ରହିଛି । ପାକିସ୍ତାନ ସେନା ମୁଖ୍ୟ ଅସୀମ ମୁନିରଙ୍କ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ନିଜକଡର ହେବା ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କୂଟନୈତିକ ଧକ୍କା ବୋଲି ଜୟରାମ କହିଛନ୍ତି । ମୁନିରଙ୍କ ଉଦ୍ଦେଶ୍ୟ ମାନବୀ ପହଲଗାମ ଆତଙ୍କବାଦୀ ଆକ୍ରମଣ ପାଇଁ ଖୋଲାଲ ଯୋଗାଇଥିଲା । ଏବେ ସେ ଟ୍ରମ୍ପଙ୍କ ପ୍ରିୟ ପାତ୍ର ପାଲଟିଛନ୍ତି । ଏହା ଭାରତ ପାଇଁ ବଡ଼ ଝଟକା ବୋଲି ସେ କହିଛନ୍ତି । ଫିଲ୍ଡ ମାର୍ଶାଲ ଏବଂ ତାଙ୍କ ସାଥୀମାନେ ଭାରତ ଅପେକ୍ଷା ଟ୍ରମ୍ପ ପରିବାର ଏବଂ ସହଯୋଗୀଙ୍କୁ ଭଲ ଲାଗରେ ପରିଚାଳନା କରିବାରେ ସଫଳ ହୋଇଥିବା ସ୍ପଷ୍ଟ । ଏହା ମୋଦୀଙ୍କ ବୈଦେଶିକ ନୀତି ପାଇଁ ଏକ ବଡ଼ ବିପତ୍ତିସୂଚକ । ପରିବର୍ତ୍ତନ ପାଇଁ ଆହ୍ୱାନ ଦେଇ ରମେଶ କହିଛନ୍ତି, ଭାରତରୁ ଏହାର କୂଟନୈତିକ ସମ୍ପର୍କ ଚଳନୀତି ଏବଂ ରଣନୀତିର ସମ୍ପূର୍ଣ୍ଣ ପରିବର୍ତ୍ତନ ଆବଶ୍ୟକ । ଯାହା ମୋଦୀ କରିବାକୁ ଅସମର୍ଥ ବୋଲି ସେ କହିଛନ୍ତି ।

ଜାପାନରେ ୭.୪ ତୀବ୍ରତାର ଭୂକମ୍ପ ପରେ ଜାରି ହେଲା ସୁନାମୀ ୱାର୍ଣ୍ଣିଂ

ନୂଆଦିଲ୍ଲୀ, ୨୦/୪(ନ୍ୟୁ.ଏ): ବନ୍ଦାଧରଣର ଭୂକମ୍ପ ଝଟକାରେ ଅଣିଛି ଉତ୍ତରପୂର୍ବ ଜାପାନ । ରିକ୍ଟର ସ୍କେଲରେ ଭୂକମ୍ପର ତୀବ୍ରତା ୭.୪ ରେକର୍ଡ କରାଯାଇଛି । ଏତେ ବଡ଼ ତୀବ୍ରତାର ଭୂକମ୍ପ ଝଟକା ପରେ ଜାପାନର ମେଟ୍ରୋଲୋଜିକାଲ ଏଜେନ୍ସି ଜାରି କରିଛି ସୁନାମୀ ୱାର୍ଣ୍ଣିଂ । ସମୁଦ୍ରର ଜଳପତନ ୧୦ ଫୁଟ ଉଚ୍ଚତାକୁ ଉଠି ସ୍ଥଳ ଭାଗକୁ ମାଡ଼ି ଯିବାର ଆଶଙ୍କା ଥିବା ଏଜେନ୍ସି କହିଛି । ଏଜେନ୍ସିର କହିବା କଥା ଯେ ସୁନାମୀର ସମୟ ଅପରାହ୍ନ ୪.୫୩ରେ ଉତର ଇଖାଟେ ପ୍ରାନ୍ତ ଠାରୁ ବୃତ୍ତ ପ୍ରଶାନ୍ତ ମହାସାଗରରେ ଭୂକମ୍ପ ସୃଷ୍ଟି ହୋଇଛି । ଏହାର ତୀବ୍ରତା ଏତେ ଅଧିକ ରହିଛି ଯେ ଝଟକା ଏଠାରୁ ୧୦୦ କିମି ଦୂରରେ ଥିବା ଟୋକିଓରେ ମଧ୍ୟ ଅନୁଭୂତ ହୋଇଛି । ଝଟକାରେ ବହୁତଡ଼ ବିଲଡିଂ ହୋଲାଲି ଯାଇଛି । ଭୂକମ୍ପର ତୀବ୍ରତା ୭.୪ ରହିଥିବାରୁ ଉତରପୂର୍ବ ଜପାନୁକୂଳବର୍ତ୍ତୀ ଅଂଚଳରେ ସୁନାମୀ ଆସିବାର ଆଶଙ୍କା ରହିଛି । ତେଣୁ ଉପକୂଳ ଓ ନଦୀ କୂଳରେ ରହୁଥିବା ଲୋକମାନେ ତୁରନ୍ତ ସୁରକ୍ଷିତ ସ୍ଥାନକୁ ଚାଲି ଯାଆନ୍ତୁ । ସେହିପରି ଲୋକମାନେ ଯଥା ସମ୍ଭବ ଉଚ୍ଚ ସ୍ଥାନରେ ଆଶ୍ରୟ ନିଅନ୍ତୁ । ସୁନାମୀ ହେଉ ଭାରସ୍ୟାର ସ୍ଥଳ ଭାଗକୁ ଆସିବାର ଆଶଙ୍କା ରହିଛି । ତେଣୁ ସତର୍କ ସୂଚନା ପ୍ରତ୍ୟାହାର ନ ହେବା ଯାଏ ଲୋକମାନେ ସୁରକ୍ଷିତ ଆଶ୍ରୟ ସ୍ଥଳରେ ରୁହନ୍ତୁ ବୋଲି ଏଜେନ୍ସି କହିଛି । ଭୂକମ୍ପ ଓ ସୁନାମୀ ଆଲର୍ଟ ପରେ ପ୍ରଧାନମନ୍ତ୍ରୀ ଅଫିସ ପକ୍ଷରୁ ବିପର୍ଯ୍ୟୟ ପ୍ରଶମନ ଟିମ ଗଠନ କରାଯାଇଛି । ଏହି ପ୍ରାକୃତିକ ବିପର୍ଯ୍ୟୟରେ ଦେଶର ଲକ୍ଷାଧିକ ଲୋକ ପ୍ରଭାବିତ ହେବାର ଆଶଙ୍କା ରହିଛି । ସ୍ଥିତିକୁ ବୃଷ୍ଟିରେ ରଖି ଜାପାନ ପ୍ରଧାନମନ୍ତ୍ରୀ ମଧ୍ୟ ଆଲର୍ଟ ଜାରି ହୋଇଥିବା ଅଂଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଚାଲି ଯିବାକୁ କହିଛନ୍ତି ।

ବେକରେ ତୁଳସୀମାଳା, ମସ୍ତକରେ ତିଳକ : ଭକ୍ତିଭାବରେ ବିରୁଷ୍କା

ନୂଆଦିଲ୍ଲୀ, ୨୦/୪(ନ୍ୟୁ.ଏ): ଟିମ୍ ଇଣ୍ଡିଆର ଷ୍ଟାର ବ୍ୟାଟ୍‌ସମ୍ୟାନ ବିରାଟ କୋହଲି ଏବଂ ଅଭିନେତ୍ରୀ ପତ୍ନୀ ଅନୁଷ୍କା ଶର୍ମା ଇଶ୍ବର ବିଶ୍ୱାସୀ । ଅନେକ ସମୟରେ ଏହି ଦମ୍ପତି ଠାକୁରଙ୍କ ଶରଣ ନେଇଥିବା ଦେଖିବାକୁ ମିଳେ । ଏବେ ଏହି ଦମ୍ପତି ବୃନ୍ଦାବନରେ ବାବା ପ୍ରେମାନନ୍ଦ ମହରାଜଙ୍କୁ ଯାଇ ଦର୍ଶନ କରିଛନ୍ତି । ଏବଂ ଉଭୟ ଏଠାରେ ବସି ପ୍ରବଚନ ମଧ୍ୟ ଶୁଣିଥିବା ଦେଖାଯାକୁ ମିଳିଛି । ଯାହାର ଭିଡିଓ ସୋସିଆଲ ମିଡିଆରେ ଦେଶ ଚର୍ଚ୍ଚାର ବିଷୟ ପାଲଟିଛି । ଯୁଗଳଙ୍କମାନେ ବିରାଟ-ଅନୁଷ୍କାଙ୍କ ଭକ୍ତି-ଭାବ ଭିଡିଓକୁ ସେୟାର କରୁଥିବାବେଳେ ସଲମାନୁକ୍ତ ଇମୋଟିମାନ କରୁଥିବା ଦେଖିବାକୁ ମିଳିଛି । ବିରାଟ କୋହଲି ଏବେ ଆଇପିଏଲରେ ବ୍ୟସ୍ତ ଅଛନ୍ତି । ପରବର୍ତ୍ତୀ ମ୍ୟାଚରେ ତାଙ୍କ ଦଳ ଆରସିବି ଦିଲ୍ଲୀକୁ ଭେଟିବ । ଏହା ପୂର୍ବରୁ ଦଳ ଏବେ ଦିଲ୍ଲୀରେ ଅଛି । ମ୍ୟାଚ୍ ଖେଳିବା ପୂର୍ବରୁ ବିରାଟ ପତ୍ନୀ ଅନୁଷ୍କାଙ୍କ ସହ ବୃନ୍ଦାବନରେ ସଂଂଚିତ୍ରତାବେଳେ ପ୍ରେମାନନ୍ଦଙ୍କୁ ଭେଟିଛନ୍ତି । ସେଠାରେ ଉପସ୍ଥିତ ସାଧାରଣ ଲୋକଙ୍କ ଭିଡ଼ରେ ବସି ପ୍ରବଚନ ଶୁଣିଥିଲେ । ଏହାସହ ସେମାନେ କୃଷ୍ଣଭକ୍ତିରେ ମଜିଥିବା ଦେଖିବାକୁ ମିଳିଛି । ପ୍ରବଚନ ଶୁଣିବା ପରେ ଦମ୍ପତି ବାହାରକୁ ଆସିଥିଲେ । ବିରାଟ ବାହାରକୁ ବାହାରୁଥିବା ସମୟର ଭିଡିଓ କଲେ ଯୁଗଳ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି । ଯେଉଁଥିରେ ଫ୍ୟାନ୍‌ମାନେ ତାଙ୍କୁ ଭେଟିବା ପାଇଁ ଭିଡ଼ ଜମାଇଥିବା ମଧ୍ୟ ଦେଖିବାକୁ ମିଳିଛି । ସେଲଫି ନେବାକୁ ଫ୍ୟାନ୍‌ମାନେ ଭିଡ଼ ଜମାଇଥିବା ମଧ୍ୟ ଦେଖିବାକୁ ମିଳିଛି । ସେତେବେଳେ ବିରାଟ ଚଳିତବର୍ଷ ଦ୍ୱିତୀୟଥର ପାଇଁ ବୃନ୍ଦାବନ ଯାଇଛନ୍ତି । ଜାନୁଆରୀ ମାସରେ ଏହି ଦମ୍ପତି ଦୁଇ ଛୁଆଙ୍କ ସହ ଆସିଥିଲେ । ମାତ୍ର ୨୦୨୫ ମସିହାରେ ସେମାନେ ତିନିଥର ଆସି ଦର୍ଶନ କରିଥିଲେ । କହି ରଖୁଛୁ କି, ବିରାଟ କୋହଲି ଏବେ ଲଣ୍ଡନରେ ପରିବାର ସହ ରହୁଛନ୍ତି । କେବଳ ମ୍ୟାଚ ଖେଳିବା ପାଇଁ ଭାରତ ସମ୍ବରେ ଆସୁଛନ୍ତି ବିରାଟ । ସେପଟେ ଅନୁଷ୍କା ମଧ୍ୟ ୮ ବର୍ଷ ହେବ ମହିଳା କ୍ରିକେଟର ଝୁଲନ ଗୋସ୍ୱାମୀଙ୍କ ଜୀବନ କାହାଣୀ ଉପରେ ଆଧାରିତ ଫିଲ୍ମରେ ଅଭିନୟ କରିଛନ୍ତି । ଏହି ଫିଲ୍ମ କିନ୍ତୁ ଏଯାବତ ରିଲିଜ୍ ହୋଇନାହିଁ ।

ଫିଡେ ବିଶ୍ୱ ପ୍ରତିଯୋଗିତା ଆୟୋଜନ ଲାଗି ଭାରତର ଉଦ୍ୟମ

ନୂଆଦିଲ୍ଲୀ, ୨୦/୪(ନ୍ୟୁ.ଏ): ଗ୍ରାଣ୍ଡମାଷ୍ଟର ଆର ବୈଶାଳୀ ପ୍ରଥମ ଭାରତୀୟ ମହିଳା ଭାବେ କ୍ୟାଣ୍ଡିଡେଟ୍‌ସ ଚେସ ହାସେଲଥିଲେ । ଏଥିସହ ସେ ଫିଡେ ମହିଳା ବିଶ୍ୱ ପ୍ରତିଯୋଗିତାର ଫାଇନାଲ୍ ଖେଳିବାକୁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି । ସେହିଭଳି ଫିଡେ ପୁରୁଷ ବିଶ୍ୱ ପ୍ରତିଯୋଗିତାର ଫାଇନାଲ୍ ଖେଳିବାକୁ ଭାରତର ଡି ଗୁକେଶ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି । ଫିଡେ ବିଶ୍ୱ ପ୍ରତିଯୋଗିତାର ତାରିଖ ଓ ସ୍ଥାନ ଘୋଷଣା ହୋଇନି । ଉଭୟ ପୁରୁଷ ଓ ମହିଳା ବର୍ଗର ଫାଇନାଲ୍‌ରେ ଭାରତୀୟ ଖେଳାଳି ଥିବାରୁ ଭାରତ ଏହି ବିଶ୍ୱ ପ୍ରତିଯୋଗିତା ଆୟୋଜନ ଲାଗି ଆଗ୍ରହ ଦେଖାଇଛି । ଫାଇନାଲ୍‌ରୁ ଯୋଗ୍ୟତା ଅର୍ଜନ କରିଥିବା ବୈଶାଳୀ ଓ ଗୁକେଶ ତାମିଲନାଡୁର ହୋଇଥିବାରୁ ଏହି ପ୍ରତିଯୋଗିତା ଚେନ୍ନାଇରେ କରିବାକୁ ଭାରତ ଚାହିଁବ । ମହିଳା ଗାଇଡଙ୍କ ଲଢ଼େଇରେ ଗତ ସଂସ୍କରଣ ବିଜେତା ହୁ ୱେନ୍‌ହୁଇଙ୍କୁ ଛାଡେଇଦେ ବେ ?ଶାଳୀ !ଅନ୍ୟପକ୍ଷରେ ଗୁକେଶ ପୁରୁଷ ବିଶ୍ୱ ଚାଇଡଙ୍କୁ ବଜାୟ ରଖିବାକୁ ଜାରୋଖିର ସିନ୍ଦରୋଭ ସହ ମୁକାବିଲା କରିବେ । ସର୍ବଭାରତୀୟ ଚେସ୍ ମହାସଙ୍ଘର ପରିଚାଳନା ମୁଖ୍ୟ ଏଲେ ଦର୍ମା କହିଛନ୍ତି ଯେ ''ବିଶ୍ୱ ପ୍ରତିଯୋଗିତା ଏଠାକୁ ଆସିବାକୁ ବେଶୋ କରିବୁ । ଏଥିଲାଗି ଟିଡିଂ କରିବୁ । ବୁଢିଟି ଯାଇ ବର୍ଗରେ ଭାରତୀୟ ପ୍ରତିଦ୍ୱନ୍ଦ୍ୱିତା କରିବା ଆମ ପାଇଁ ଗର୍ବର କଥା । ଫିଡେ ସଦସ୍ୟ ରାଷ୍ଟ୍ର ଭାବେ ଭାରତରେ ଅଧିକ ପ୍ରତିଯୋଗିତା ଆୟୋଜନ କରିବାକୁ ଆମର ଲକ୍ଷ୍ୟ ଥିଲା ବେଳେ ଆମର ସ୍ଥଳ ଜଣ ଖେଳାଳି ବିଶ୍ୱ ପ୍ରତିଯୋଗିତା ଫାଇନାଲ୍ ଖେଳିବେ । ତେଣୁ ଆମ ପାଇଁ ଏହି ପ୍ରତିଯୋଗିତା ଆୟୋଜନ କରିବା ଗୁରୁତ୍ୱପୂର୍ଣ୍ଣ । ଗତ ସଂସ୍କରଣ ତାମିଲନାଡୁରେ ଆୟୋଜନ କରିବାକୁ ଆମେ ପ୍ରସ୍ତୁତ ଥିଲୁ । ହେଲେ ସିଙ୍ଗାପୁର ଲଢ଼ ପ୍ରସ୍ତାବ ଦେବାରୁ ସେଠାରେ ହୋଇଥିଲା । ଏଥର ଆମେ ଦୃଢ଼ ଭାବେ ପ୍ରସ୍ତାବ ରଖିବୁ ।''

ଫିଲ୍ମ ଷ୍ଟାଇଲରେ ଇରାନୀୟ ଜାହାଜକୁ ସିଜ୍ କଲେ ଆମେରିକା ଯବାନ



ନୂଆଦିଲ୍ଲୀ, ୨୦/୪(ନ୍ୟୁ.ଏ): ଆମେରିକା ମାରିନ କୁଷ୍ଟର କମାଣ୍ଡୋମାନେ କେମିତି ଇରାନର ଗୋଟିଏ ପଣ୍ଟାବାହୀ ଜାହାଜକୁ ମଝି ସମୁଦ୍ରରେ ସିଜ କରୁଛନ୍ତି, ତା'ର ଭିଡିଓ ସାମ୍ନାକୁ ଆସିଛି । ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଆରବ ସାଗରରେ ଏପରି ଘଟଣା ଘଟିଛି । ଜାହାଜ ସିଜ ଘଟଣା ଆମେରିକା-ଇରାନ ସଂଘର୍ଷରେ ଗୋଟିଏ ନୂଆ ମୋଡ଼ ଆଣିଛି । ଏବେ ସମସ୍ତ ଗତିବିଧି ହର୍ମୁଜ ପ୍ରଣାଳୀ ଉପରେ କେନ୍ଦ୍ରିତ ହୋଇଛି । ଗତ ସପ୍ତାହରେ ଆମେରିକା ପକ୍ଷରୁ ଇରାନର ବନ୍ଦରକୁ ଯିବା ଆସିବା କରୁଥିବା ଜାହାଜ ଗୁଡ଼ିକ ଉପରେ ପ୍ରତିବନ୍ଧକ ଲଗାଯାଇଥିଲା । ଯଦି ଇରାନ ସହ ଲିଙ୍କ ଥିବା କୌଣସି ଜାହାଜ ଷ୍ଟେଟ ଅଫ ହର୍ମୁଜ ଓ ଆରବ ସାଗରକୁ ଆସିବ, ତା'ଙ୍କୁ ସେଗୁଡ଼ିକୁ ସିଜ କରି ଦିଆଯିବ ବୋଲି ଆମେରିକା ଘୋଷଣା କରିଥିଲା । ଏହି ଘୋଷଣା ପରେ ଇରାନ ପତାକା ଥିବା ଗୋଟିଏ ପଣ୍ଟାବାହୀ ଜାହାଜକୁ ଆମେରିକାର ମାରିନ କମାଣ୍ଡୋମାନେ ଆରବ ସାଗରରେ ସିଜ କରି ନେଇଛନ୍ତି । ଚଳିତବାର ଆମେରିକା ନୌସେନା ପୂର୍ବ ଘୋଷଣା ଅନୁସାରେ କାର୍ଯ୍ୟ କରିଛନ୍ତି । ନୌସେନାର କମାଣ୍ଡୋମାନେ ମଧ୍ୟ ଇରାନୀୟ ପତାକା ଥିବା ଗୌଣ୍ଡା ଜାହାଜକୁ ଚିହ୍ନଟ କରିଥିଲେ । ଏହାପରେ ସେମାନେ ଏହା ମଧ୍ୟକୁ ଡିଙ୍ଗି ମାରି ବହୁତ ମୁନରେ ଏହାକୁ ସମ୍ପୂର୍ଣ୍ଣ ଭାବେ ନିଜ ନିୟନ୍ତ୍ରଣକୁ ନେଇ ଯାଇଛନ୍ତି । ସାମ୍ନାକୁ ଆସିଥିବା ଭିଡିଓରେ ଦେଖିବାକୁ ମିଳୁଛି ଯେ ଆମେରିକାର ମିଲିଟେରୀ ଜାହାଜ ପ୍ରଥମେ ଇରାନୀୟ ପଣ୍ଟାବାହୀ ଜାହାଜ ଉପରକୁ ଚଢ଼ି ମାଡ଼ କରିଥିଲେ । ଏହାପରେ ଜାହାଜ ଭିତରେ ଅସ୍ତ୍ରଶସ୍ତ୍ର ଧରି ପ୍ରବେଶ କରିଥିଲେ । ଅପରେସନରେ ହେଲିକପ୍ଟରର ବ୍ୟବହାର କରାଯାଇଥିଲା । ଆମେରିକା କେନ୍ଦ୍ରୀୟ କମାଣ୍ଡର କହିବା କଥା ଯେ ୬ ଘଂଟା ଧରି ପଣ୍ଟବାହୀ ଜାହାଜକୁ ବିଭିନ୍ନ ପ୍ରକାରର ନିର୍ଦ୍ଦେଶ ଦିଆଯାଇଥିଲା । ତଥାପି ଜାହାଜ କର୍ତ୍ତୃପକ୍ଷ କିଛି ବି ଶୁଣି ନଥିଲେ । ଏଥିଯୋଗୁ ମାରିନ କମାଣ୍ଡମାନେ ଜାହାଜ ଭିତରେ ପଶି ଏହାକୁ ସିଜ କରିଛନ୍ତି । ଗାଇଡେଡ ମିସାଇଲ ବିଧ୍ୱଂସକାରୀ ୟୁ.ଏସ.ଏସ ସ୍ପ୍ରୁଆନ୍‌ସ୍ ପ୍ରଥମେ ଜାହାଜକୁ ପ୍ରୋପୁଲସନକୁ ଅକାମୀ କରିଥିଲା । ଏହାପରେ କମାଣ୍ଡୋମାନେ ଏହା ଭିତରେ ପ୍ରବେଶ କରି ନିଜ ନିୟନ୍ତ୍ରଣକୁ ନେଇଥିଲେ ବୋଲି ଆମେରିକା କେନ୍ଦ୍ରୀୟ କମାଣ୍ଡ କହିଛି । ଜାହାଜକୁ ସିଜ କରିବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଆମେରିକା ମାରିନ ସଂପୂର୍ଣ୍ଣ ଭାବେ ଜାହାଜକୁ ନିଜ ନିୟନ୍ତ୍ରଣକୁ ନେଇଛି ଓ ଏବେ ସେମାନେ ଜାହାଜରେ କ'ଣ ଅଛି, ତା'ର ଯାଂଚ କରୁଛନ୍ତି । ପୂର୍ବରୁ ବେଆଇନ କାର୍ଯ୍ୟକଳାପ ଯୋଗୁ ଜାହାଜଟି ଆମେରିକା କବଜାଶାରେ ରହିଥିଲା । ଆମେରିକା ସୁରକ୍ଷାବଳର ଜାତୀୟ ୱାର୍ଣ୍ଣିଂ ସତ୍ତ୍ୱେ ଗଲ୍ଫ ଅଫ ଓମାନରେ ଏହାକୁ ଚିହ୍ନଟ କରାଯାଇଥିଲା ବୋଲି ଟ୍ରମ୍ପ କହିଛନ୍ତି । ଅନ୍ୟପକ୍ଷରେ ଇରାନର ମିଲିଟାରୀ କହିଛି ଯେ ଜାହାଜଟି ଚାଇନାକୁ ଆସୁଥିଲା । ଇରାନର ସାଶସ୍ତ ବନ ଏହାର ଜବାବ ଖୁବଶୀଘ୍ର ଦେବେ । ଏହା ଆମେରିକାର ସଶସ୍ତ ଡକାୟତି । ଇରାନର ଚେଜ ଇସ୍ତାମୀ ଉପରେ ପ୍ରତିବନ୍ଧକ ଲଗାଇ ଅନ୍ୟମାନଙ୍କ ପାଇଁ ମୁକ୍ତ ସୁରକ୍ଷାର ଆଶା କରାଯାଇ ପାରିବ ନାହିଁ । ବିକଳ୍ପ ସ୍ପଷ୍ଟ: ସମସ୍ତଙ୍କ